# ୨ ଏକର ଜମିରୁ କୋବି ଫସଲ ନଷ୍ଟ

## ବୁଲା ଗାଈଗୋରୁଙ୍କ କବ୍‌ଜାରେ ଜାତୀୟ ରାଜପଥ

ବଳଙ୍ଗା,୫।୨(ସମିସ)





ପୁରୀ ଜିଲ୍ଲାର ବଳଙ୍ଗା ଅଞ୍ଚଳ ଧାନ ଓ ପନିପରିବା ଚାଷ ପାଇଁ ଜିଲ୍ଲାରେ କେବଳ ନୁହେଁ, ରାଜ୍ୟରେ ନାଁ ରହିଛି। ଚାଷ ପାଇଁ କେତେବେଳେ ଖରାପ ପାଣିପାଗ, କେତେବେଳେ କୀଟନାଶକ ସାର ଅଭାବ ତ କେତେବେଳେ ଅଭାବୀ ବିକ୍ରି ସବୁବେଳେ ଚାଷୀ ଏହିସବୁ ଅସୁବିଧାର ସମ୍ମୁଖୀନ ହୋଇଥାଏ। ଚାଷୀଙ୍କ ଏହି ଦୁଃଖକୁ ବହୁଗୁଣିତ କରୁଛି ବର୍ତ୍ତମାନ ବୁଲା ଗାଈଗୋରୁ ଓ ଷଣ୍ଢ।

- ଚିନ୍ତାରେ ମୁଗ, ବିରି ଚାଷୀ
- ରାସ୍ତା ଅବରୋଧ କରୁଛନ୍ତି ଗାଈଗୋରୁ; ଆମ୍ବୁଲାନ୍ସ ଯିବା କଷ୍ଟକର
- ଗାଈଗୋରୁ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

ଚାଷୀ ପାଇଁ ଏମାନେ କାଳ ସାଜିଛନ୍ତି। ବର୍ତ୍ତମାନ ପ୍ରଚୁର ପରିମାଣରେ କୋବି ଓ ପନିପରିବା ଚାଷ ସମୟ ହୋଇଥିବାରୁ ସବୁ ରାସ୍ତା ପାଖ ବିଲଗୁଡ଼ିକରେ ତାରବାଡ଼ କରାଯାଇଥିଲେ ମଧ୍ୟ ହଜାର ହଜାର ସଂଖ୍ୟାରେ ବୁଲା ଗାଈଗୋରୁ ସବୁ ଫସଲ ନଷ୍ଟ କରିଦେଉଛନ୍ତି। ଯାହାକି ଚାଷୀଙ୍କ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଗଡ଼ ଚାନ୍ଦପୁରର ଚାଷୀ ସୁବାସ ଜେନା, ଶଙ୍କର ମାଝୀ, ଶୁକାନ୍ତ ଜେନା, ବିଜୟ ମଲ୍ଲିକଙ୍କ ପ୍ରାୟ ୨ଏକର ଜମିରେ ଥିବା ୩୦ ହଜାରରୁ ଊର୍ଦ୍ଧ୍ୱ କୋବି ଷଣ୍ଢ ଓ ବୁଲା ଗୋରୁ ଖାଇ ନଷ୍ଟ କରିଦେଇଛନ୍ତି। ଋଣ କରି ଚାଷ କରିଥିବା ଚାଷୀ କିପରି ଋଣ ପରିଶୋଧ କରିବେ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ପରିତାପର ବିଷୟ ବର୍ତ୍ତମାନ ଏଭଳି ବୁଲା ଗାଈଗୋରୁ ଓ ଷଣ୍ଢଙ୍କ ସଂଖ୍ୟା ବଢ଼ିଯାଇଛି। ଯାହାର କଳନା କରିବା ସମ୍ଭବପର ନୁହେଁ।

ଆହୁରି ପୁଣି ବର୍ତ୍ତମାନ ମୁଗ, ବିରି ଫଳ ଧରିବା ସମୟ। ହଜାର ହଜାର ହେକ୍ଟର ଜମିକୁ ବାଡ଼ ବୁଲାଇବା ସମ୍ଭବପର ନୁହେଁ। ଏଭଳି ବୁଲା ଗାଈଗୋରୁଙ୍କ ସଂଖ୍ୟା ବଢ଼ିଯାଇଛି ଯେ, ବଳଙ୍ଗା ବଜାରର ବିଭିନ୍ନ ଛକରେ ବିଶେଷ କରି ସନ୍ଧ୍ୟା ସମୟରେ ବର୍ତ୍ତମାନ ଗାଈଗୋରୁଙ୍କ ଆଡ୍ଡାସ୍ଥଳ ପାଲଟିଛି। ସବୁବେଳେ ସନ୍ଧ୍ୟାରେ ବଳଙ୍ଗା କଲେଜ ଛକ, ପତିତପାବନ ଛକ, ବ୍ରାହ୍ମଣ ଚାନ୍ଦପୁର ଛକ, ଘୋଡ଼କ ଛକ, ରମା ବଜାର ଛକଠାରେ ଗାଈଗୋରୁ ଜମା ହୋଇ ରହୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏହାଦ୍ୱାରା ଛୋଟ ବଡ଼ ଦୁର୍ଘଟଣା ହେଉଛି। ଜରୁରିକାଳୀନ ସମୟରେ ଆମ୍ବୁଲାନ୍ସ ଗାଡ଼ି ଯିବା କଷ୍ଟକର ହୋଇପଡୁଛି। ଅପରାହ୍ଣ ୪ଟାରୁ ଗୋଟିଏ ଗୋଟିଏ ଗାଈ ଆସି ଛକ ସ୍ଥାନରେ ରୁଣ୍ଡ ହେଉଛନ୍ତି। ଗୋରୁ ମାଲିକମାନେ ଗାଈଗୋରୁଙ୍କୁ ନିଜ ଅଧୀନରେ ରଖୁ ନ ଥିବାରୁ ଏ ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ସଦର ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି। ବର୍ତ୍ତମାନ ଚାଷ ସମୟ।

ଗାଈଗୋରୁଙ୍କୁ ଖୋଲା ଛାଡ଼ିଲେ ଫସଲ ନଷ୍ଟ କରିଦେବେ। ଯାହାର ଗାଈଗୋରୁ ସେମାନେ ନିଜ ଘରେ ରଖିବା ଆବଶ୍ୟକ ହୋଇପଡ଼ିଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟିଦେବାକୁ ରାକେଶ ଦାଶ, ସୁରେନ୍ଦ୍ର ବେହେରା, ବିନୋଦ ବିହାରୀ ଆଚାର୍ଯ୍ୟ, ଜନ୍ମେଶ୍ୱର ମିଶ୍ର ପ୍ରଭୃତି ହଜାର ହଜାର ଚାଷୀ ଦାବି କରିଛନ୍ତି।

## କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୟାକଳ୍ପ ଟିମ୍



କୃଷ୍ଣପ୍ରସାଦ,୫।୨(ସମିସ): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡ. ମନୋରଞ୍ଜନ ହାତିଙ୍କ ନେତୃତ୍ୱରେ ଆସିଥିବା କୟାକଳ୍ପ ଦଳ ଗୁରୁବାର କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଟିମ୍ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ବିଭାଗର କୋଠରି ସହ ଅସ୍ତ୍ରୋପଚାର ଗୃହ, ଲେବର ରୁମ୍, ରୋଗୀ ଶଯ୍ୟା, ସୁରକ୍ଷା ପାଚେରି, ଅଳିଆ ଆବର୍ଜନା କୁଣ୍ଡ, ନିରାମୟ ଏବଂ ଡ୍ରେନେଜ୍ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସ୍ୱତନ୍ତ୍ର ଟିମ୍ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମିକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରୁଛନ୍ତି।

କାୟାକଳ୍ପ ଟିମ୍‌ର ଗସ୍ତକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ହର୍ବାଲ୍ ଗାର୍ଡେନ୍, ରୋଗୀ ଶଯ୍ୟା, କାନ୍ଥକୁ ପରିଷ୍କାର କରାଯିବା ସହିତ ବିଭିନ୍ନ ରଙ୍ଗରେ ଚିତ୍ରିତ କରି ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ସାଧାରଣତଃ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ, ରୋଗୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଲେ ଡାକ୍ତରଖାନା ପରିବେଶ ସ୍ୱଚ୍ଛ, ସୁନ୍ଦର ଏବଂ ସବୁଜିମାରେ ପରିଣତ ହେବ ବୋଲି ଟିମ୍‌ର ସଦସ୍ୟମାନେ ସୂଚନା ଦେଇଥିଲେ। ଚଳିତ ବର୍ଷ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ବିଭିନ୍ନ ବିଭାଗରେ ଉନ୍ନତମାନର କାର୍ଯ୍ୟ କରିବା ସହ ପରିବେଶକୁ ଉନ୍ନତ କରିଛନ୍ତି ବୋଲି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ନବ କିଶୋର କର କହିଛନ୍ତି। ଏହି ଟିମ୍‌ରେ ଡ. ମନୋରଞ୍ଜନ ହାତି, ଜିଲ୍ଲା କୀଟତତ୍ତ୍ୱ ବିଶାରଦ ବିଜନ ପାତ୍ର, ପିଏମ୍ଆଇ ରାଜ୍ୟ ପ୍ରୋଗ୍ରାମ ଅଫିସର ରୁବି ରାଉତ, ଜିଲ୍ଲା ଆଶା ସହକାରୀ ପରିଚାଳକ ଅଶୋକ ସାହୁ, ରାଜ୍ୟ ମାତୃ ମଙ୍ଗଳ ପରିଚାଳନା ବିଭାଗର ସୌମ୍ୟଶ୍ରୀ ମହାପାତ୍ର ପ୍ରମୁଖ ପରିଦର୍ଶନ କରିଥିଲେ। କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଶ୍ରୀ କର, ଡା. ସୁଜ୍ଞାନୀ ମହାରଣା, ଡା. ନିବେଦିତା ରାୟ ବକ୍ସି, ବିପିଏମ୍ ଦେବାଶିଷ ମିଶ୍ର, ଚିକିତ୍ସାଳୟ ବିତ୍ତ ପରିଚାଳକ ସଙ୍ଗୀତ ସୁନ୍ଦରାୟ, ଫାର୍ମାସିଷ୍ଟ ତାପସ ବେହେରା, ଅଜୟ ରଣା, ଷ୍ଟାଫ୍ ନର୍ସ ମୁକ୍ତା କିଷାନ, ବିଶ୍ୱଭାରତୀ ବେହେରା, ସୁନିତା ବେହେରା, ସୁଶାନ୍ତ ପଣ୍ଡା, ସୁନୀଲ ଜେନା, ସୁଶାନ୍ତ ଦଳେଇଙ୍କ ସମେତ ଚିକିତ୍ସାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବଚପନ ବ୍ରହ୍ମଗିରି ସ୍କୁଲର ବାର୍ଷିକ ଉତ୍ସବ

ବ୍ରହ୍ମଗିରି,୫।୨(ସମିସ): ବଚପନ ବ୍ରହ୍ମଗିରି ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ କ୍ରୀଡ଼ା ସହ ନିର୍ଦ୍ଦେଶକ କୈଳାଶ ପ୍ରଧାନ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶକ ବଚପନ ପ୍ଲେ ସ୍କୁଲ୍ (ପୁରୀ) ପ୍ରଦ୍ୟୁମ୍ନ ମିଶ୍ର, ଅତିରିକ୍ତ ଶିଶୁ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୂଦାସ ଭିକାରୀ ଚରଣ ଜେନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ମୋହନ ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ନାୟକ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେଶ୍ୱର ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସୌଭାଗ୍ୟଶାଳୀ ପିତା କେଶବ ଚନ୍ଦ୍ର ଭୋଳ, ସୌଭାଗ୍ୟଶାଳୀ ମାତା ସସ୍ମିତା ଦଳାଇଙ୍କୁ ଏବଂ ସବୁଦିନ ହାତରନ୍ଧା ଖାଦ୍ୟ ଶିଶୁଙ୍କୁ ଦେବା ନିମନ୍ତେ ଅନୁପମା ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ବିଶେଷ ସହଯୋଗ ନିମନ୍ତେ ପ୍ରିୟ ପ୍ରସାଦ ମିଶ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବଚପନ ବ୍ରହ୍ମଗିରି ସ୍କୁଲର ଅଧ୍ୟକ୍ଷା ପ୍ରସାଦିନୀ ନାୟକ ଅଧ୍ୟକ୍ଷତା କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଯତୀନ୍ଦ୍ର ନାୟକ, ଶିକ୍ଷକ କରୁଣାକର ପ୍ରଧାନ ଓ ପଣ୍ଡିତ ପ୍ରିୟପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଇତିଶ୍ରୀ ପାତ୍ର, ରୋଜାଲିନ୍ ସାହୁ, ସୁନିତା ପ୍ରଧାନ, ପ୍ରିୟଙ୍କା ପୂଜାରୀ, ନିରୋଦିନୀ ପ୍ରଧାନ, ଜ୍ୟୋତ୍ସ୍ନା ବାରିକ, ରୋଜାଲିନ ପ୍ରଧାନ ସହଯୋଗ କରିଥିଲେ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ସେମିରେ ଘାଟିକିଆ

ନିମାପଡ଼ା,୫।୨(ସମିସ): ନିମାପଡ଼ା ବାରବାଟୀ ଗ୍ରାଉଣ୍ଡରେ ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଗ୍ରୁପ୍ ବି'ର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବଜରଙ୍ଗୀ ଫୁଟ୍‌ବଲ କ୍ଲବ୍ ଘାଟିକିଆ ଏବଂ ଷ୍ଟିଲ୍ ସିଟି ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲ୍‌ଟି ସୁଟ୍ ଆଉଟ୍ ଜରିଆରେ ଘାଟିକିଆ ଦଳ ୪-୩ ଗୋଲ୍‌ରେ ବିଜୟ ଲାଭ କରି ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ରୂପେ ବଜରଙ୍ଗୀ ଦଳର ଗୋଲ୍ କିପର ଅନିଲ ଜେନା ପୁରସ୍କୃତ ହୋଇଥିଲେ। ମ୍ୟାଚ୍‌କୁ ପରିଚାଳନା କରିଥିଲେ ରେଫରୀ ପ୍ରଦୀପ ମହାନ୍ତି, ସେକ୍ ଆଲାମ, ବିଦେଶୀ ନାୟକ ଓ ସମର କୁମାର ବରାଳ। ମ୍ୟାଚ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଶିକ୍ଷାବିତ୍ ବ୍ରଜମୋହନ ବରାଳ, ବିଶିଷ୍ଟ ହୋମିଓପାଥି ଡାକ୍ତର ନେତ୍ରାନନ୍ଦ ଭୋଇ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ପୂର୍ବତନ କାଉନ୍‌ସିଲର ବ୍ରଜେନ୍ଦ୍ର ପ୍ରଧାନ ଓ ବିଶ୍ୱଜିତ୍ କାନୁନ୍‌ଗୋ। ଶୁକ୍ରବାର ବଜରଙ୍ଗ ଏକାଦଶ ଖୋର୍ଦ୍ଧା ଓ ବଜରଙ୍ଗୀ ଫୁଟ୍‌ବଲ କ୍ଲବ୍ ଘାଟିକିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି। ମ୍ୟାଚ୍‌ରେ ସହଯୋଗ କରିଥିଲେ ଆସୋସିଏସନ କାର୍ଯ୍ୟକାରୀ ସଭାପତି ଧିରେନ ବରାଳ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ତାପସ ମଲ୍ଲିକ, ବିଶ୍ୱଜିତ୍ ମଲ୍ଲିକ, ପ୍ରକାଶ ବରାଳ ଓ ରଶ୍ମିରଞ୍ଜନ ପଣ୍ଡା।

## ଜଳସେଚନ ଉପଖଣ୍ଡରେ କିରାଣି ପଦ ଖାଲି

ଗମ୍ଭାରୀପଦା,୫।୨(ସମିସ): କାକଟପୁର ଜଳସେଚନ ଉପଖଣ୍ଡରେ ନଭେମ୍ବର ୩୦ ତାରିଖଠାରୁ ଅଦ୍ୟାବଧି ୨ ମାସ ହେଲା କିରାଣି ପଦ ଖାଲିପଡ଼ିବା ଦ୍ୱାରା ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। କାକଟପୁର ଜଳସେଚନ ଉପଖଣ୍ଡ ଅଫିସକୁ ସାଧାରଣ ଅଭିଯୋଗ ଧରି ଯଦି କେହି କେବେ ଆସୁଛନ୍ତି, ତେବେ ଅଫିସରେ କିରାଣିଙ୍କ ଚେୟାର ଖାଲିଥିବା ଦେଖି ହତାଶ ହୋଇ ଫେରୁଥିବା ପ୍ରକାଶ କରିଛନ୍ତି। ସାଧାରଣତଃ କନିଷ୍ଠ ଯନ୍ତ୍ରୀମାନେ ଓ ଉପଖଣ୍ଡ ଅଧିକାରୀ ପ୍ରାୟତଃ ଫିଲ୍ଡ କାର୍ଯ୍ୟରେ ବ୍ୟସ୍ତ ରହୁଥିବାବେଳେ ଅଫିସର କିରାଣି ହିଁ ଅଭିଯୋଗଗୁଡ଼ିକୁ ରଖି ଆଗନ୍ତୁକଙ୍କ ସହିତ କଥାବାର୍ତ୍ତା କରି ଅଧିକାରୀଙ୍କୁ ଜଣାଇବେ ବୋଲି ଆଶା ଦେଇ ଫେରାଇ ଥାଆନ୍ତି। ଯଦିଓ ଅଫିସରେ ୪ର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି, କିନ୍ତୁ ସେମାନଙ୍କ ସହିତ ଅଭିଯୋଗକାରୀ କିଛି କଥା ହେବାକୁ ଉଚିତ୍ ମଣନ୍ତି ନାହିଁ। ଏପରିକି ଜଳସେଚନ ଅଫିସ ପରିସର ମୁରବିହୀନ ହୋଇଥିବା ଅନୁଭବ ନେଇ ଅଭିଯୋଗକାରୀମାନେ ଫେରୁଛନ୍ତି। ତେଣୁ କାକଟପୁର ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟର କିରାଣି ପଦ ତୁରନ୍ତ ପୂରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରସ୍ତୁତି

କୋଣାର୍କ,୫।୨(ସମିସ): ଗୁରୁବାର କୋଣାର୍କ ଥାନା ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତର କୁଞ୍ଜ ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସରକାର ଗ୍ରାମାଞ୍ଚଳରୁ କିଭଳି ପ୍ରସ୍ତୁତି ହେଉଛନ୍ତି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ମୁତାବକ, ପଞ୍ଚାୟତର ପ୍ରତି ଗ୍ରାମରୁ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ, କୃଷକ ସାଥି, ଗାଁ ସାଥି, ଯୁବକ ସଂଘ, ଭିନ୍ନକ୍ଷମ ବ୍ୟକ୍ତି(୧୮ ବର୍ଷରୁ ଊର୍ଦ୍ଧ୍ୱ)ଙ୍କୁ ଏଥିରେ ସଦସ୍ୟ ଭାବେ ନେଇ ଗୋଟିଏ କମିଟି ଗଠନ କରାଯିବ। ଏହି କମିଟି ବ୍ୟତୀତ ପ୍ରତି ଗ୍ରାମରୁ ୧୮ ରୁ ୩୫ ବର୍ଷ ବୟସ ସୀମା ମଧ୍ୟରେ ଯୁବକମାନଙ୍କୁ ନେଇ ବିଭିନ୍ନ ବର୍ଗରେ ଅନ୍ୟ ୯ଟି ଦଳ ଗଠନ ହେବ। ପ୍ରତି ଦଳରେ ଥିବା ସଭ୍ୟମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ସ୍ୱତନ୍ତ୍ର ତାଲିମ ଦିଆଯିବ ଏବଂ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ। ଯାହା ସେମାନଙ୍କୁ ଭବିଷ୍ୟତରେ କୌଣସି ସରକାରୀ ଚାକିରି ଯଥା ଅଗ୍ନିଶମ, ଆର୍ମି, ଅଗ୍ନିବୀର କିମ୍ବା ପୁଲିସ ଆଦିରେ ଯୋଗଦେବା ପାଇଁ ସହଜ ହେବ। ଏହି ବୈଠକରେ କୁରୁଜଙ୍ଗ ପଞ୍ଚାୟତ ୧୭ ନମ୍ବର ୱାର୍ଡସଭ୍ୟ ସରୋଜ ମହାରଣା, ସାମ୍ବାଦିକ ଦୁର୍ଗା ପ୍ରସାଦ ମହାପାତ୍ର, କୁଞ୍ଜ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡା, ଅଙ୍ଗନବାଡ଼ି କର୍ମୀ ସ୍ୱର୍ଣ୍ଣପ୍ରଭା ବେହେରା, ସାମାଜିକ କର୍ମୀ ପ୍ରଶାନ୍ତ ମହାରଣାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଅନୁସୟା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଗୋପ,୫।୨(ସମିସ): ଶିକ୍ଷକ ହେଉଛନ୍ତି ସମାଜର ମାର୍ଗଦର୍ଶକ। ଶିକ୍ଷକମାନଙ୍କ ଦ୍ୱାରା ବିକଶିତ ସମାଜ ଗଠନ ହୋଇପାରିଛି। ଶିକ୍ଷକ ଆମ ପିଲାଙ୍କ ଭବିଷ୍ୟତ ଗଢୁଥିବାବେଳେ ଶିକ୍ଷାର ଅବସର ନ ଥାଏ ବୋଲି ବୁଧବାର ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠର ଶିକ୍ଷକ ଜଗବନ୍ଧୁ ସାହୁ ଓ ସନ୍ତୋଷ କୁମାର ହାଜରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ସ୍କୁଲର ୩୪ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷାଧିକାରିଣୀ ଅମିତା ସେନାପତି, ପ୍ରାକ୍ତନ ପ୍ରଧାନଶିକ୍ଷକ ଦାମୋଦର ପାଢ଼ୀ, ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ବସନ୍ତ କୁମାର ପାଢ଼ୀ, ବିଭୁଦତ୍ତ ନାୟକ, ସରପଞ୍ଚ ଜୟନ୍ତୀ ଜେନା, ଯୁବନେତା ସୁଶାନ୍ତ କୁମାର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ବରିଷ୍ଠ ଶିକ୍ଷକ ରାମକୃଷ୍ଣ ମହାନ୍ତି, ସରପଞ୍ଚ ଜୟନ୍ତୀ ଜେନା, ସମିତିସଭ୍ୟ ଲିପିକା ସେନାପତି, ସ୍କୁଲ ପରିଚାଳନା କମିଟି ସଭାପତି ମାନଗୋବିନ୍ଦ ପରିଡ଼ା, ପୁରାତନ ଛାତ୍ର ସଂସଦ ସଭାପତି ରଶ୍ମିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଜଗବନ୍ଧୁ ସାହୁ, ସନ୍ତୋଷ କୁମାର ହାଜରାଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସୁରେନ୍ଦ୍ର କୁମାର ମୁଦୁଲି, ତପନ କୁମାର ବୋଷ, ଦୀପକ କୁମାର ସିହ୍ନା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର, ପ୍ରମିଳା ବେହେରା ପ୍ରମୁଖ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମା' ଦକ୍ଷିଣକାଳୀଙ୍କ ପୀଠରେ ହିନ୍ଦୁ ସମ୍ମିଳନୀ



ସାକ୍ଷୀଗୋପାଳ,୫।୨(ସମିସ): ଗୁରୁବାର ସାକ୍ଷୀଗୋପାଳ ନିକଟରେ ବୀର ଗୋବିନ୍ଦପୁର ଗ୍ରାମରେ ଅବସ୍ଥିତ ପ୍ରସିଦ୍ଧ ତନ୍ତ୍ରପୀଠ ମା' ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣରେ ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଶରତ ଚନ୍ଦ୍ର ଭୋଇଙ୍କ ଦ୍ୱାରା ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ମାନବ ସମାଜକୁ ସୁରକ୍ଷା ସହିତ ହିନ୍ଦୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ପୁରୀ ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ମାଝୀ, ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତ ମଠ ମନ୍ଦିର ଏବଂ ଅର୍ଚ୍ଚକ ପୁରୋହିତ ବିଭାଗର ପ୍ରମୁଖ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଜିଲ୍ଲା ଉପସଭାପତି ଚିତ୍ତରଞ୍ଜନ ଆଚାର୍ଯ୍ୟ, ସଭାପତି ରଘୁନାଥ ମହାପାତ୍ର, ଜିଲ୍ଲା କାର୍ଯ୍ୟକାରୀ ସମ୍ପାଦକ ଗୌରବ କୁମାର କର, ପ୍ରଖଣ୍ଡ ସଭାପତି ଅମିନ ଚରଣ ପ୍ରଧାନ, କେଦାର ନାଥ ସ୍ୱାଇଁ, ବିଜୟାନନ୍ଦ ସ୍ୱାଇଁ, ଭାସ୍କର ନାୟକ, ବିପ୍ରଚରଣ ବିଶ୍ୱାଳଙ୍କ ସହ ସତ୍ୟବାଦୀ ପ୍ରଖଣ୍ଡର ଅନେକ କାର୍ଯ୍ୟକର୍ତ୍ତା ଓ ନରେନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋଲେଖ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଗୌରବ କୁମାର କରଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରିବା ସହ ଶାନ୍ତିପାଠ କରାଯାଇଥିଲା।

## ମା' ବେଲେଶ୍ୱରୀଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

ଚାରିଛକ,୫।୨(ସମିସ): ନିମାପଡ଼ା ବ୍ଲକ୍ ଛଣିଜଙ୍ଗ ପଞ୍ଚାୟତ ଖୋରଡ଼ ଗ୍ରାମର ମା' ବେଲେଶ୍ୱରୀଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୩ଦିନ ଧରି ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ୨୦ରୁ ଊର୍ଦ୍ଧ୍ୱ କଳସଧାରୀ ପୁଷ୍କରିଣୀରୁ ଜଳ କଳସ ଆଣି ପୂଜା ମଣ୍ଡପରେ



ସ୍ଥାପନ କରିଥିଲେ। ମା'ଙ୍କ ପୀଠରେ ୩ଦିନ ଧରି ଆଖପାଖ ଅଞ୍ଚଳର ୮ଟି ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଶେଷଦିନ ନଗର କୀର୍ତ୍ତନମଣ୍ଡଳୀ ଗ୍ରାମ ପରିକ୍ରମା କରିଥିଲେ। ପୂଜକ ନିକୁଞ୍ଜ ପାଢ଼ୀ ଓ ସାଥି ପୂଜାକାର୍ଯ୍ୟ କରିଥିଲେ। ମୁଖ୍ୟକର୍ତ୍ତା ଭାବେ ସଦାଶିବ ମହାପାତ୍ର ପୂଜାରେ ଯୋଗଦେଇଥିଲେ। ଗ୍ରାମବାସୀଙ୍କ ମିଳିତ ସହଯୋଗରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

## ଜାଗୁଲାଇପଦର ଆଶ୍ରମରେ ଦୁଇ ଦିନିଆ ଧର୍ମସଭା

କଣାସ,୫।୨(ସମିସ): କଣାସ ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ଜାଗୁଲାଇପଦର ଗ୍ରାମରେ ଥିବା ଶ୍ରୀଅଭିରାମ ପରମହଂସଙ୍କ ପାଦୁକା ଆଶ୍ରମରେ ଦୁଇ ଦିନିଆ ଭକ୍ତ ମିଳନ ଓ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। କରମଳା ଶାନ୍ତି ଆନନ୍ଦ ଆଶ୍ରମର ସନ୍ନ୍ୟାସୀ ହରେକୃଷ୍ଣ ଦାସ, ସନ୍ନ୍ୟାସୀ ବନବିହାରୀ ଦାସ, ସନ୍ନ୍ୟାସୀ ବୁଦ୍ଧଦେବ ଦାସ, ସନ୍ନ୍ୟାସୀ ଦେବବ୍ରତ ଦାସ, ସନ୍ନ୍ୟାସୀ ସତ୍ୟପ୍ରଜ୍ଞାନ ଦାସ, ସନ୍ନ୍ୟାସୀ ତ୍ରିଲୋଚନ ଦାସ ପ୍ରମୁଖ ଯୋଗଦେଇ ପୂଜା, ଭଜନ, କୀର୍ତ୍ତନ, ପ୍ରବଚନ ଦେଇଥିଲେ। ପାଲା ଗାୟିକା କଳ୍ପନା ନାୟକ ପାଲା ପରିବେଷଣ କରିଥିଲେ। ସୂଚନା ଥାଉକି, ୧୯୬୧ରେ ଠାକୁର ଶ୍ରୀଅଭିରାମ ପରମହଂସ ଦେବ ଜାଗୁଲାଇପଦରଠାରେ ଏହି ପାଦୁକା ଆଶ୍ରମ ପ୍ରତିଷ୍ଠା ଓ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଆଶ୍ରମର ସମସ୍ତ ଭକ୍ତ ପରିଚାଳନା କରିଥିଲେ।



## ବାସୁଦେବ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ



ଚାରିଛକ,୫।୨(ସମିସ): ନିମାପଡ଼ା ବ୍ଲକ୍ ତୁଳସୀପୁର ଗ୍ରାମର ମହାଜନ ସାହିରେ ପୂଜା ପାଇ ଆସୁଥିବା ବାବା ବାସୁଦେବଙ୍କ ମନ୍ଦିର ସମ୍ମୁଖରେ ପ୍ରତିବର୍ଷ ପରି ଚଳିତ ବର୍ଷ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏକ ଶୋଭାଯାତ୍ରାରେ ପ୍ରାଚୀ ନଦୀରୁ ଶ୍ରଦ୍ଧାଳୁମାନେ କଳସରେ ଜଳ ଆଣି କୁଞ୍ଜରେ ସ୍ଥାପନ କରିବା ପରେ ଅଧିବାସ କାର୍ଯ୍ୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପ୍ରଦୀପ୍ତ କୁମାର ସାହୁ ଓ ସୁଭଦ୍ରା ସାହୁ ଯୋଗଦେଇଥିଲେ। ବାବା ସଚ୍ଚିଦାନନ୍ଦ ଦାସ, ପ୍ରଭାତ ମଙ୍ଗରାଜ ଓ ବଳିଆ ବାବା ପୂଜକ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଦିଜବର ସାହୁ ଓ ବୀରବର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୦ମ ସତ୍ୟବାଦୀ ମହୋତ୍ସବ ଉଦ୍‌ଘାଟିତ

# ପଞ୍ଚସଖାଙ୍କ ପୀଠରୁ ଆସିଲା ୫ ଜ୍ୟୋତି

ସାକ୍ଷୀଗୋପାଳ,୫।୨(ସମିସ)



ସତ୍ୟବାଦୀ ମହୋତ୍ସବର ଦଶମ ସଂସ୍କରଣ ସତ୍ୟବାଦୀ ମହୋତ୍ସବ -୨୦୨୬ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସତ୍ୟବାଦୀ ଯୁଗର ପଞ୍ଚସଖା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମ ପୀଠ ସୁଆଣ୍ଡୋ, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମ ପୀଠ ଶ୍ରୀରାମଚନ୍ଦ୍ରପୁର, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ବାଣପୁର ଅନ୍ତର୍ଗତ ଶ୍ରୀନିବାସପୁର ଗ୍ରାମ ଓ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜନ୍ମ ପୀଠ ବୀରପ୍ରତାପପୁରରୁ ଜ୍ୟୋତି ସଂଗ୍ରହ କରାଯାଇ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟରେ ପଞ୍ଚ ମହାପୁରୁଷଙ୍କଠାରେ ମିଳିତ ହୋଇଥିଲେ। ସେଠାରୁ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା କରାଯାଇ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ ମହୋତ୍ସବ ମଣ୍ଡପକୁ ପାଛୋଟି ଅଣାଯାଇଥିଲା। ଏହି ଶୋଭାଯାତ୍ରାରେ ଓଡ଼ିଶାର ପାରମ୍ପରିକ ନୃତ୍ୟ, ସଂକୀର୍ତ୍ତନ, ଘୋଡ଼ାନାଚ, ପାଇକ ଆଖଡ଼ା, ଶବର ଶବରୁଣୀ, ବୁଢ଼ା ବୁଢ଼ୀ, ମାଙ୍କଡ଼ ନାଚ, ବଗ ବଗୁଲି, ଷଣ୍ଢ, ଦୁର୍ଗାମେଢ଼, କଣ୍ଢେଇ ନାଚ, ବାଜା ବସ୍‌ଷ୍ଟାଣ୍ଡଠାରୁ ବକୁଳବନ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ହଜାର ହଜାର ଜନସାଧାରଣ ଜ୍ୟୋତିଯାତ୍ରାକୁ ସ୍ୱାଗତ କରିବା ସହ ଶୋଭାଯାତ୍ରା ଦେଖିବା ପାଇଁ ଭିଡ଼ ଲାଗିଥିଲା।

ମହୋତ୍ସବ କମିଟି ସଭାପତି ବିଧାୟକ ଓମ୍ ପ୍ରକାଶ ମିଶ୍ର ସାକ୍ଷୀଗୋପାଳ ମନ୍ଦିରରୁ ସାକ୍ଷୀଗୋପୀନାଥ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ପରେ ମନ୍ଦିର ସେବାୟତ ତଥା ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଆଜ୍ଞାମାଳ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ଜ୍ୟୋତିଗୁଡ଼ିକୁ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ଅତିଥିମାନେ ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କମିଟିର ସମ୍ପାଦକ ଦୀପକ ଶତପଥି, ସଂଯୋଜକ ଜାନକୀ ବଲ୍ଲଭ ବରାଳ, ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ବିଡିଓ ଦେବାଶିଷ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଜେପି ନେତା ତ୍ରିଲୋଚନ ରଥ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରୀରାଧା ନୃତ୍ୟ ପରିବେଷଣ କରାଯାଇଥିଲା। ଆଇନଜୀବୀ ଅଞ୍ଜନ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାକ୍ଷୀଗୋପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଡିଓ ଦେବାଶିଷ ନାୟକ, ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଆଡିସ୍‌ନାଲ ଏସ୍‌ପି, ଏସ୍‌ଡିପିଓ, ପିପିଲି, ନିମାପଡ଼ା ଓ ସତ୍ୟବାଦୀ ଆଇଆଇସି ସୌମ୍ୟରଞ୍ଜନ ମହାଳିକ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଦୁଇ ପ୍ଲାଟୁନ ପୁଲିସ ସହ ମୁତୟନ ହୋଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମରଣାନ୍ତକ ଆକ୍ରମଣ ଘଟଣା; ଜଣେ ଗିରଫ

କଣାସ,୫।୨(ସମିସ): କଣାସ ଥାନା ଅନ୍ତର୍ଗତ ଗଡ଼ବଡ଼ପୁଟ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ଘଟି ତିନି ଜଣ ଗୁରୁତର ଭାବେ ଆହତ ହୋଇ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆହତ ଯୁବକଙ୍କ ମାଆ ମମତା ବଳବନ୍ତରାୟ କଣାସ ଥାନାରେ ତାଙ୍କ ଦୁଇ ପୁଅ ଓ ଦିଅରଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ୫ ଜଣ ବ୍ୟକ୍ତି ଆକ୍ରମଣ କରିଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପାଇ କଣାସ ଥାନା ପୁଲିସ ୨୯/୨୬ରେ ଏକ ମାମଲା ରୁଜୁ କରି ଖୋର୍ଦ୍ଧା ଜିଲ୍ଲାର ତାପଙ୍ଗ ଅଞ୍ଚଳରୁ ଶ୍ରୀନିବାସ ବଳବନ୍ତରାୟ ଓରଫ ଲଣ୍ଡାକୁ ଗିରଫ କରି ଗୁରୁବାର ପୁରୀ କୋର୍ଟକୁ ପଠାଇ ଦେଇଛନ୍ତି। ଅନ୍ୟ ୪ ଜଣ ଫେରାର୍ ଥିବାରୁ ପୁଲିସ ପକ୍ଷରୁ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

୫/୨/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୨,୦୨୧/- ସୁନା:୦୦.୧୮୦ ଗ୍ରାମ୍ ରୁପା: ୨୦.୫୦୦ ଗ୍ରାମ୍



# ବଡ଼ଦାଣ୍ଡରେ ପସରା ମେଲାଇଲେ ଉଠାଦୋକାନୀ




**ପୁରୀ,୫।୨(ସମିସ):** ପୁଣିଥରେ ବଡ଼ଦାଣ୍ଡରେ ପସରା ମେଲାଇଲେ ଉଠା ଦୋକାନୀ। ପ୍ରଶାସନ ଦ୍ୱାରା ଶ୍ରୀସେତୁ ତଳେ ଯେଉଁ ଭେଣ୍ଡିଂଜୋନ୍ କରାଯାଇଛି ସେଠାରେ ବିକ୍ରିବଟା ହେଉନାହିଁ। ସେମାନେ ଚଳିବେ କେମିତି? ସେଠାରେ ବିକ୍ରିବଟା ଯେପରି ହୋଇପାରିବ ସେଥିଲାଗି ପ୍ରଶାସନ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପାଳନ କରିନାହିଁ। ତେଣୁ ଉଠାଦୋକାନୀମାନେ ଗୁରୁବାରଠାରୁ ବଡ଼ଦାଣ୍ଡରେ ଜରି ପକାଇ ବେପାର ଆରମ୍ଭ କରିଛନ୍ତି। ଯେପର୍ଯ୍ୟନ୍ତ ପ୍ରଶାସନ ପ୍ରତିଶ୍ରୁତି ପୂରଣ ନ କରିଛି ଏବଂ ସେମାନଙ୍କ ପାଇଁ ବିକ୍ରି ସୁବିଧା ଉପଲବ୍ଧ ନ କରାଇଛି ସେପର୍ଯ୍ୟନ୍ତ ଶ୍ରୀସେତୁ ପାଖକୁ ଯିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଛନ୍ତି।

ପରିକ୍ରମା ପ୍ରକଳ୍ପ ଏବଂ ଭକ୍ତଙ୍କ ସୁବିଧା ପାଇଁ କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ନା ଏଯାଏ ଥଇଥାନ କରାଯାଇଛି ନା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶ୍ରୀସେତୁ ତଳେ ଦିଲ୍ଲୀ ହାଟ ଭଳି ବିଶ୍ୱସ୍ତରୀୟ ଭେଣ୍ଡିଂଜୋନ୍ କରି କ୍ଷତିଗ୍ରସ୍ତ ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ, ମାର୍କେଟ ଛକ, ମରିଚୀକୋଟ ଛକରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୧୨୦୦ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ଶ୍ରୀସେତୁ ତଳେ ବିକ୍ରିବଟା ନ ହେବା ପର୍ଯ୍ୟନ୍ତ ପ୍ରତି ମାସରେ ୧୫ ହଜାର ଟଙ୍କା କ୍ଷତିପୂରଣ ରାଶି ଦେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ୧୪ ମାସର ମାସିକ କ୍ଷତିପୂରଣ ରାଶି ବକେୟା ରହିଥିବା ଅଭିଯୋଗ କରିଛନ୍ତି ବ୍ୟବସାୟୀ। ଏଭଳି କି ଶ୍ରୀସେତୁ ତଳେ ହୋଇଥିବା ଭେଣ୍ଡିଂଜୋନ୍‌ରେ ମୌଳିକ ସୁବିଧା ଉପଲବ୍ଧ ନାହିଁ। ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି ଯେ, ବଡ଼ଦାଣ୍ଡରେ ଆମେ ବେପାର କରି ପରିବାର ପ୍ରତିପୋଷଣ କରିଆସୁଥିଲୁ। ପରିକ୍ରମା ପ୍ରକଳ୍ପ ହେଲା। ପୁରୀକୁ ଭକ୍ତଙ୍କ ଆଗମନ ବଢ଼ିଲା। ତେଣୁ ସରକାରଙ୍କ ସବୁ ସର୍ତ୍ତ ମାନି ବଡ଼ଦାଣ୍ଡରୁ ଉଠିଲୁ। ହେଲେ ଏବେ ଆମେ ଦୁଃଖରେ ଅଛୁ। ସରକାର କହିଥିଲେ, ଶ୍ରୀସେତୁ ନିକଟରେ ବିଶ୍ୱସ୍ତରୀୟ ଭେଣ୍ଡିଂଜୋନ୍ ହେବ। ବଡ଼ଦାଣ୍ଡର ମାର୍କେଟ ଛକଠାରୁ ସେଠାକୁ ୬୦ ଫୁଟିଆ ରାସ୍ତା ଯିବ। ଫଳରେ ଭକ୍ତ, ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଲୋକଙ୍କର ସେଠାରୁ ଚଳପ୍ରଚଳ ବଢ଼ିବ। ଆପଣମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଭଲଭାବେ ଦେଖାଯିବ। ଏହାଦ୍ୱାରା କିଣାବିକା ମଧ୍ୟ ଭଲ ହେବ। ହେଲେ କୌଣସି ପ୍ରତିଶ୍ରୁତି ପୂରଣ କରାଯାଇନାହିଁ। ସେଠାରେ ଚାରିତାଲା ପାର୍କିଂ ହୋଇଛି। ଗୋଟିଏ ହେଲେ ଶୌଚାଳୟ ନାହିଁ। ଚତୁଃପାଶ୍ୱର୍ରେ ପ୍ରତିଦିନ ହଜାର ହଜାର ଲୋକ ପରିଶ୍ରା କରୁଛନ୍ତି। ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଯେଉଁ ୫/୬ ଜଣ ସେଠାରେ ଦୋକାନ ଖୋଲୁଛନ୍ତି ୨୦୦ ଟଙ୍କା ବି ବେପାର କରିପାରୁ ନାହାନ୍ତି। ଏମିତି ବି ପ୍ରତି ମାସରେ ୧୫ ହଜାର ଟଙ୍କା ଦିଆଯିବ ବୋଲି କହିଥିଲେ। ୧୪ ମାସ ହେଲାଣି ଆମକୁ ତାହା ଦିଆଯାଇ ନାହିଁ। ତେଣୁ ବାଧ ହୋଇ ବଡ଼ଦାଣ୍ଡରେ ଜରି ପକାଇ ବସିବାକୁ ବାଧ ହେଲୁ। ଯେପର୍ଯ୍ୟନ୍ତ ସରକାର ଆମ ପାଇଁ ବ୍ୟବସ୍ଥା ନ କରିବେ ଆମେ ସେପର୍ଯ୍ୟନ୍ତ ବଡ଼ଦାଣ୍ଡରେ ଜରି ପକାଇ ବ୍ୟବସାୟ କରିବୁ। ସକାଳେ ବସି ସନ୍ଧ୍ୟାରେ ଉଠିଯିବୁ ବୋଲି ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀସେତୁ ତଳେ ହୋଇଥିବା ଭେଣ୍ଡିଂଜୋନ୍‌ରେ ବିଦ୍ୟୁତ୍ ସଂଯୋଗ ଦିଆଯିବା ପାଇଁ ବ୍ୟବସ୍ଥା ହେଉଛି। ଉଠାଦୋକାନୀ ଜିଦ୍ ନ କରି ସେଠାକୁ ଯିବା ପାଇଁ କହିଛନ୍ତି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା।

**ସୁବିଧା ନ ହେବା ପର୍ଯ୍ୟନ୍ତ ଶ୍ରୀସେତୁ ପାଖକୁ ଯିବେ ନାହିଁ**

● ଅପରେସନ ଅନ୍ୱେଷଣ-୨

# ରାଜ୍ୟରେ ପ୍ରଥମ ପୁରୀ ପୁଲିସ

**ପୁରୀ,୫।୨(ସମିସ):** ଓଡ଼ିଶା ପୁଲିସର ଅପରେସନ ଅନ୍ୱେଷଣ-୨ ମାଧ୍ୟମରେ ୫୪୫୧ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ଶିଶୁ ଓ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୁଲିସର ଏହି ମହନୀୟ କାର୍ଯ୍ୟରେ ପୁରୀ ପୁଲିସକୁ ମିଳିଛି ବିଶେଷ ସଫଳତା। ୧୦ ଦିନରେ ୬୧୩ ଜଣ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରି ପୁରୀ ପୁଲିସ ରାଜ୍ୟରେ ପ୍ରଥମ ହୋଇଛି। ସେହିପରି କଟକ ଜିଲ୍ଲା ୫୦୧ ଜଣ ଓ ଭଦ୍ରକ ଜିଲ୍ଲା ୪୨୯ ଜଣ ଉଦ୍ଧାର କରି ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି।

ପୁଲିସ ଡିଜିଙ୍କ ନିର୍ଦ୍ଦେଶକ୍ରମେ ଗତ ଜାନୁଆରୀ ୨୧ରୁ ୩୦ ତାରିଖ ଅର୍ଥାତ୍ ୧୦ ଦିନ ପର୍ଯ୍ୟନ୍ତ ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ 'ଅପରେସନ ଅନ୍ୱେଷଣ–୨' ଅଭିଯାନ କରାଯାଇଥିଲା। ଏଥିରେ ରାଜ୍ୟର ସମସ୍ତ ଜିଲ୍ଲା ଓ ସହରାଞ୍ଚଳ ପୁଲିସ ସକ୍ରିୟ ଭାବେ ସାମିଲ୍ ହୋଇ ରେକର୍ଡ ସଂଖ୍ୟକ ୫,୪୫୧ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ସେଥିମଧ୍ୟରେ ୭୭ ଜଣ ନାବାଳକ, ୭୦୯ ନାବାଳିକା ଓ ୪,୬୬୫ ଜଣ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି। ପୁରୀ ଜିଲ୍ଲା ପୂର୍ବରୁ ଅପରେସନ୍ ଅନ୍ୱେଷଣ–୧ ସମୟରେ ପ୍ରଥମ ସ୍ଥାନ ହାସଲ କରିଥିଲା ଏବଂ ବର୍ତ୍ତମାନ ଲଗାତାର ଦ୍ୱିତୀୟଥର ପାଇଁ ଏହି ସ୍ଥାନ ଅଧିକାର କରି ପୁନର୍ବାର ଉତ୍କୃଷ୍ଟତା ପ୍ରମାଣ ଦେଇଛି। ଅପରେସନ ଅନ୍ୱେଷଣ-୨ ଜିଲ୍ଲାର ସମସ୍ତ ଥାନା ଓ ମେରାଇନ୍ ପୁଲିସ ଥାନାମାନଙ୍କ ମଧ୍ୟରେ ମିଶନ୍ ମୋଡ୍‌ରେ ଚାଲିଥିଲା। ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ନିଖୋଜ ମାମଲାଗୁଡ଼ିକୁ ପୁନଃ ତଦନ୍ତ, ସୂଚନା ସଂଗ୍ରହ ଏବଂ ଅନ୍ୟାନ୍ୟ ଜିଲ୍ଲା ଓ ରାଜ୍ୟ ସହ ସମନ୍ୱୟ କରାଯାଇଥିଲା। ବିଶେଷକରି ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ଧାର୍ମିକ ସ୍ଥାନ ଓ ଭିଡ଼ ଅଞ୍ଚଳରେ ଖୋଜାଖୋଜି, ଡିଜିଟାଲ୍ ମାଧ୍ୟମ ଓ ପ୍ରଯୁକ୍ତିଗତ ବିଶ୍ଳେଷଣ, ମହିଳା, ଶିଶୁ ଓ ସନ୍ନିହିତ ଶ୍ରେଣୀର ଲୋକଙ୍କୁ ବିଶେଷ ଗୁରୁତ୍ୱ, ପ୍ରତିଦିନ ଏସ୍‌ପି ପ୍ରତୀକ୍ ସିଂଙ୍କ ନିୟମିତ ସମୀକ୍ଷା ଦ୍ୱାରା ପ୍ରତ୍ୟେକ ମାମଲାକୁ ସକ୍ରିୟ ଭାବେ ଅନୁସରଣ କରାଯାଇ ୬୧୩ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ସିଂହଦ୍ୱାର ଥାନା ଜଣେ, ଟାଉନ ଥାନା ୨୫, କୁମ୍ଭାରପଡ଼ା ୧୨, ବାସେଳିସାହି ଜଣେ, ବଳିଆପଣ୍ଡା ୮, ସମୁଦ୍ରକୂଳ ୧୮, ତାଳବଣିଆ ୧୧, ପୁରୀ ସଦର ୨୭, ଚନ୍ଦନପୁର ୫୩, ଗଡ଼ିଶାଗୋଦା ୧୨, ବ୍ରହ୍ମଗିରି ୨୬, କୃଷ୍ଣପ୍ରସାଦ ଜଣେ, ଅରଖକୁଦା ୫, ପେଣ୍ଠକଟା ୧୩, ନିମାପଡ଼ା ୭୦, ଗୋପ ୨୪, ରାମଚଣ୍ଡୀ ୧୨, ଚନ୍ଦ୍ରଭାଗା ଜଣେ, କୋଣାର୍କ ୧୫, କାକଟପୁର ୩୯, ଚାରିଛକ ୮, ଅସ୍ତରଙ୍ଗ ୧୮, ଅସ୍ତରଙ୍ଗ ମେରାଇନ ଥାନା ୨, ପିପିଲି ୪୫, ସତ୍ୟବାଦୀ ୭୪, ଡେଲାଙ୍ଗ ୭, କଣାସ ୬୧ ଓ ବଳଙ୍ଗା ଥାନା ୨୪ ଜଣଙ୍କୁ ଉଦ୍ଧାର କରିଛି। ଏସ୍‌ଡିପିଓ, ଆଇଆଇସି ଓ ତଦନ୍ତକାରୀ ଅଧିକାରୀମାନେ ସମନ୍ୱୟରେ କାମ କରି ପ୍ରତ୍ୟେକ ମାମଲାର ସଠିକ୍ ଅନୁସରଣ କରିଥିଲେ। ଜିଲ୍ଲା କଣ୍ଟ୍ରୋଲ୍ ରୁମ୍ ଓ ଟେକ୍ନିକାଲ୍ ଟିମ୍‌ମାନେ ମଧ୍ୟ ସୂଚନା ବିନିମୟ ଓ ବିଶ୍ଳେଷଣରେ ମୁଖ୍ୟ ଭୂମିକା ନିଭାଇଥିଲେ।

ଏହି ସଫଳତା ଏସ୍‌ପି ଶ୍ରୀ ସିଂଙ୍କ ଦୃଢ଼ ନେତୃତ୍ୱ ଓ ସମୀକ୍ଷା ସହିତ ଜିଲ୍ଲାର ସମସ୍ତ ପୁଲିସ କର୍ମଚାରୀଙ୍କ ମିଳିତ ପ୍ରୟାସ, ନିଷ୍ଠା ଓ ପରିଶ୍ରମ ଯୋଗୁଁ ହିଁ ସମ୍ଭବ ହୋଇପାରିଛି। ଏସ୍‌ପି ସମସ୍ତ ଥାନାକୁ ନିଖୋଜ ମାମଲାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନିୟମିତ ସମୀକ୍ଷା, କାର୍ଯ୍ୟଦକ୍ଷତା ନିରୀକ୍ଷଣ ଓ ସ୍ପଷ୍ଟ ନିର୍ଦ୍ଦେଶନା ଫଳରେ ପୁରୀ ପୁଲିସ ରାଜ୍ୟରେ ପ୍ରଥମ ହୋଇପାରିଛି। ଅପରେସନ୍ ଅନ୍ୱେଷଣ–୨ କେବଳ ସଂଖ୍ୟା ନୁହେଁ, ଏହା ହେଉଛି ପରିବାରଗୁଡ଼ିକୁ ଆଶା ଫେରାଇବାର ଅଭିଯାନ। ପ୍ରତ୍ୟେକ ଉଦ୍ଧାର ବ୍ୟକ୍ତିଙ୍କ ପଛରେ ରହିଛି ଏକ ଖୁସିର ପରିବାର। ଆବଶ୍ୟକ ଆଇନଗତ ପ୍ରକ୍ରିୟା ଦ୍ୱାରା ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଶିଶୁ, ମହିଳା, ବୃଦ୍ଧ ବ୍ୟକ୍ତିଙ୍କ ମାମଲାରେ ଶିଶୁ କଲ୍ୟାଣ ସମିତି ଓ ସାମାଜିକ ସଂଗଠନଗୁଡ଼ିକ ସହ ସମନ୍ୱୟ କରାଯାଇ ସତର୍କତା ଅବଲମ୍ବନ କରିଥିଲା ପୁରୀ ପୁଲିସ।

**୧୦ ଦିନରେ ୬୧୩ ନିଖୋଜ ବ୍ୟକ୍ତି ଉଦ୍ଧାର**

## କିନ୍ନର ହତ୍ୟା ଘଟଣାର ଖୁବ୍‌ଶୀଘ୍ର ପର୍ଦ୍ଦାଫାସ୍: ଏସ୍‌ପି

**ପୁରୀ,୫।୨(ସମିସ):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସିପା ନିକଟରେ ଜଣେ କିନ୍ନରଙ୍କୁ ଗତ ରବିବାର ରାତିରେ ହତ୍ୟା କରାଯାଇଥିଲା। ଇତିମଧ୍ୟରେ ଏହି ଘଟଣାକୁ ୪ ଦିନ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ ଘଟଣା ଉପରୁ ପରଦା ହଟାଇପାରି ନାହିଁ। ଏହାକୁ ନେଇ ବିଭିନ୍ନ ପ୍ରକାର ଚର୍ଚ୍ଚା, ଆଲୋଚନା ହେଉଛି। ତେବେ ଏହାକୁ ନେଇ ଗୁରୁବାର ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ପୁରୀ ଏସ୍‌ପି ପ୍ରତୀକ୍ ସିଂ। ସେ କହିଛନ୍ତି, ହତ୍ୟା ମାମଲା ରୁଜୁ କରାଯାଇ ସବୁ ଦିଗକୁ ନେଇ ତଦନ୍ତ ଚାଲିଛି। ଏଥିପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠନ କରାଯାଇଛି। କିଛି ଲୋକ ସନ୍ଦେହ ପରିସରକୁ ଆସିଛନ୍ତି। କିଏ ଓ କାହିଁକି ହତ୍ୟା କଲା ସେ ନେଇ ତଦନ୍ତ କରାଯାଉଛି। ତେବେ ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

# ଆଜିଠୁ ମଜଦୂର ସଂଘର ଅଖିଳ ଭାରତୀୟ ସମ୍ମିଳନୀ

### ସାରାଦେଶରୁ ଯୋଗଦେବେ ୨୫୦୦ ପ୍ରତିନିଧି

**ପୁରୀ,୫।୨(ସମିସ):** ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ପୁରୀରେ ଭାରତୀୟ ମଜଦୂର ସଂଘ(ବିଏମଏସ୍)ର ୨୧ତମ ଅଖିଳ ଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଭାରତର ୨୮ଟି ରାଜ୍ୟ, ୪ଟି କେନ୍ଦ୍ରଶାସିତ ଅଞ୍ଚଳ, ୪୨ଟି ଶିଳ୍ପ ଫେଡେରେସନର ପ୍ରତିନିଧିତ୍ୱ କରୁଥିବା ସମଗ୍ର ଭାରତରୁ ୨୫୦୦ ପ୍ରତିନିଧି ଯୋଗଦେବେ ବୋଲି ଗୁରୁବାର ବଗଲା ଧର୍ମଶାଳା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଦିବସରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ. ମନସୁଖ ଭାଇ ମାଣ୍ଡଭିଆ ଯୋଗଦେବେ। ଅଧିବେଶନର ବିଭିନ୍ନ ସତ୍ରରେ କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀ, ଜାତୀୟ ମହିଳା କମିଶନ ଅଧକ୍ଷା ପ୍ରମୁଖ ଯୋଗଦେବେ। ସମ୍ମିଳନୀରେ ବ୍ରାଜିଲ୍, ମରିସସ୍, ଇଟାଲୀ, ତୁର୍କୀ, ନେପାଳ, ମିଶର ଆଦି ଦେଶର ୩୮ ଜଣ ପ୍ରତିନିଧି ଅଂଶଗ୍ରହଣ କରିବେ। ଏଥିରେ ଶ୍ରମ ଆଇନ ଓ



ଅନ୍ତ୍ୟୋଦୟର ସାର୍ବଭୌମୀକରଣ, ନିଯୁକ୍ତି ଉପରେ ପ୍ରତିବନ୍ଧକ ଉଠାଇବା, ଯୋଜନା କର୍ମଚାରୀ ନୀତି ଚୁକ୍ତିଭିତ୍ତିକ ବ୍ୟବସ୍ଥା, ତ୍ରିପକ୍ଷବାଦକୁ ସୁଦୃଢ଼ କରିବା ଏବଂ ଭାରତୀୟ ଶ୍ରମ ସମ୍ମିଳନୀ ଆୟୋଜନ ସମ୍ପର୍କରେ ସଂକଳ୍ପ ପାରିତ ହେବ। ସେହିପରି 'ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି: ଚ୍ୟାଲେଞ୍ଜ ଓ ସୁଯୋଗ' ଉପରେ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିସହ ପରିବର୍ତ୍ତନଶୀଳ ପ୍ରଯୁକ୍ତି ବିଦ୍ୟା, ଅର୍ଥନୈତିକ, ପରିବେଶଗତ, ନୈତିକ ପରିସ୍ଥିତି, କାର୍ଯ୍ୟ ଜଗତ ଉପରେ ପ୍ରଭାବ ଓ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନାଚକ୍ର ଆୟୋଜନ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସଂଘର ଅଖିଳ ଭାରତୀୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ହିମତେ, ବିଏମ୍‌ଏସ୍‌ର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ପ୍ରମୁଖ ଏହି ସୂଚନା ଦେଇଛନ୍ତି।

# ୧୨ରେ ଭାରତ ବନ୍ଦକୁ ସଫଳ ପାଇଁ ଆହ୍ୱାନ



**ପୁରୀ,୫।୨(ସମିସ):** କେନ୍ଦ୍ରର ମୋଦି ସରକାର ୪ଟି ଶ୍ରମକୋଡ୍ ଲାଗୁ କରି ଶ୍ରମିକମାନଙ୍କୁ ମାଲିକ, ପୁଞ୍ଜିପତି, କର୍ପୋରେଟ ପାଖରେ କ୍ରୀତଦାସ କରିବେ। ମଜୁରି, ସାମାଜିକ ନିରାପତ୍ତା ପାଇଁ ଦାବି କରିପାରିବେନି ଶ୍ରମିକ ସଂଘ। ନୂଆ ନିଯୁକ୍ତି ପାଇଁ ଯୋଜନା ନାହିଁ। କୋଟି କୋଟି ବେକାର। ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ନ ଦେଇ ବିହନ ବିଲ୍ ଆଣି ଚାଷୀଙ୍କୁ ସଙ୍କଟ ଭିତରକୁ ଠେଲି ଦେବେ। କର୍ପୋରେଟ ହାତରେ ବିହନ ବେପାର। ଚାଷୀଙ୍କର ବିହନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ରହିବ ନାହିଁ। ବିଦ୍ୟୁତ୍ ବିଲ୍-୨୦୨୫ ଆଣିଛନ୍ତି କେନ୍ଦ୍ର ସରକାର। ଉତ୍ପାଦନ, ବଣ୍ଟନ, ସରବରାହ କ୍ଷେତ୍ରକୁ କର୍ପୋରେଟ୍ ହାତରେ ଟେକି ଦେବେ ମୋଦି। ଲୋକଙ୍କୁ ବିଜୁଳି ସାତ ସପନ ହେବ। ଗୋଟିଏ ପଟେ ଶ୍ରମ କୋଡ୍, ଅନ୍ୟପକ୍ଷରେ ଚାଷୀ ସର୍ବଶ୍ୱାନ୍ତ ହେବେ। ଲୋକଙ୍କ ହାତରେ କାମ ନାହିଁ, ସେପଟେ ଦର ବଢ଼ି ଚାଲିଛି। ଏହା ବିରୋଧରେ କେନ୍ଦ୍ରୀୟ ଶ୍ରମିକ ଓ କୃଷକ ସଂଗଠନ ସହିତ ସ୍ୱାଧୀନ ଫେଡେରେସନମାନଙ୍କ ଡକରାରେ ଆସନ୍ତା ୧୨ ତାରିଖ ଭାରତ ବନ୍ଦ ପାଇଁ ଗୁରୁବାର ପୁରୀର କୁଳମଣି ଭବନରେ କନ୍‌ଭେନସନ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇସିଟିୟୁ, ସିଟୁ, ଏଆଇସିସିଟିୟୁ, ଏଆଇଏଫ୍‌ଟିୟୁ, ଆଇଏନ୍‌ଟିୟୁସି, ଏଆଇକେଏସ୍, ଏଚ୍‌ଏମ୍‌ଏସ୍‌ର ଶ୍ରମିକ ଓ କୃଷକ ଜିଲ୍ଲା ନେତୃବୃନ୍ଦ ଯୋଗଦେଇଥିଲେ। ଚାରି ଶ୍ରମ କୋଡ୍ ସମେତ ବିହନ ବିଲ୍ ଓ ବିଦ୍ୟୁତ୍ ବିଲ୍-୨୦୨୫ ପ୍ରତ୍ୟାହାର, ଚାଷୀ ଫସଲର ଏମ୍‌ଏସ୍‌ପି ଗ୍ୟାରେଣ୍ଟି, ଟ୍ରମ୍ପ ଟାରିଫ୍ ୫୦ ପ୍ରତିଶତ ଉଚ୍ଛେଦ ଲାଗି ଲୋକେ ଆନ୍ଦୋଳନରେ ସାମିଲ୍ ହେବା ପାଇଁ ଆହ୍ୱାନ କରିଥିଲେ। ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ସିଟୁର ଜିଲ୍ଲା ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ଏଆଇସିସିଟିୟୁର ଅଶୋକ ପ୍ରଧାନ, ସତ୍ୟମନ୍ୟୁ ପ୍ରଧାନ, ଏଚ୍‌ଏମ୍‌ଏସ୍‌ର ଜ୍ଞାନରଞ୍ଜନ ଦାସ, ଏଆଇଏଫ୍‌ଟିୟୁର ମୋହନ ନାଇଡୁ, ଆଇଏନ୍‌ଟିୟୁସିର ରାଜକିଶୋର ଜେନା, ଏଆଇକେଏସ୍‌ର ଭୀମସେନ ସ୍ୱାଇଁ, କୃଷକ ନେତା କୃଷ୍ଣ ରାଉତ, ପିତବାସ ବେହେରା, ବନବାସିନୀ ମହାପାତ୍ର, ଟୁନା ନାୟକ, ହରିହର ସେନାପତି, ସୁଜାତା ବିଶ୍ୱାସ, ମୋଟର କର୍ମଚାରୀ ନେତା ଅଜୟ ମିଶ୍ର, ସୁନିଲ ମହାରଣା, ମନୋରଞ୍ଜନ ମହାରଣା, ବିଦ୍ୟୁଲତା ପୃଷ୍ଟି ପ୍ରମୁଖ ଯୋଗଦେଇ ଭାରତ ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

'ମାୟା ସାହିତ୍ୟ' ପକ୍ଷରୁ ବିଶେଷ ଅଧିବେଶନ

# ଶ୍ରୀକ୍ଷେତ୍ରର କବିତା ଗଜପତୀୟ ଦର୍ପ ନେଇ ଦୃଢ଼ତା ପ୍ରକାଶ କରେ

**ପୁରୀ,୫।୨(ସମିସ):** ଶ୍ରୀକ୍ଷେତ୍ରର କବିମାନଙ୍କ କବିତାରେ ଏକ ନିରବ ଆଭିଜାତ୍ୟ ଫୁଟି ଉଠିଥିବାବେଳେ ଭାଷା ପ୍ରୟୋଗ ଓ ଶ୍ଳେଷ ମାଧ୍ୟମରେ ଭିନ୍ନ ସ୍ୱାଦର ପ୍ରତିବାଦୀ କବିତା ସୃଷ୍ଟି ହୋଇ ଚାଲିଛି। କେବଳ ଜଗନ୍ନାଥ ସଂସ୍କୃତି ନୁହେଁ, ଜୀବନର ଶୁଦ୍ଧ ସୌନ୍ଦର୍ଯ୍ୟକୁ ଆହରଣ କରିବା ଏକ ଅଦ୍ଭୁତ ପିପାସା ଶ୍ରୀକ୍ଷେତ୍ରର କବିମାନେ ଓଡ଼ିଆ ସାହିତ୍ୟକୁ ଦେଇଛନ୍ତି। ଏକ ଗଜପତୀୟ ଦର୍ପ ଅନ୍ୱେଷଣରେ ଶ୍ରୀକ୍ଷେତ୍ରର କବିତା ଓଡ଼ିଆ କବିତା ଭିତରେ ସ୍ୱତନ୍ତ୍ରତା ପ୍ରତିପାଦନ କରିଆସୁଛି ବୋଲି ଭୁବନେଶ୍ୱର 'ମାୟା ସାହିତ୍ୟ' ପକ୍ଷରୁ ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାଗୃହରେ ଗୁରୁବାର ଆୟୋଜିତ ବିଶେଷ ଅଧିବେଶନ ଓ ସାହିତ୍ୟ ଆଲୋଚନାରେ ଅତିଥି ଓ ଆଲୋଚକମାନେ ପ୍ରକାଶ କରିଛନ୍ତି। କଟକ କଳାବିକାଶ କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ପର୍ବରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଏବଂ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ କବି ପ୍ରମୋଦ ପ୍ରଧାନ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ 'ଶ୍ରୀକ୍ଷେତ୍ର'ର କବିମାନଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏକାଡେମୀ ପୁରସ୍କାରପ୍ରାପ୍ତ କବି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ବରିଷ୍ଠ କବି ଅଜୟ ପ୍ରଧାନ, କବି ଓ ସମାଲୋଚକ ଡ. ଦିଲ୍ଲୀପ କୁମାର ସ୍ୱାଇଁ, ସିଂହଦ୍ୱାର ସାହିତ୍ୟ ପତ୍ରିକାର ସମ୍ପାଦକ ଚିନ୍ମୟ ବିବେକ ଏବଂ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଆଲୋଚକ ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଅଧିବେଶନରେ ନିମନ୍ତ୍ରିତ କବିମାନଙ୍କୁ ନେଇ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କବି ତଥା ଅନୁବାଦକ ସୂର୍ଯ୍ୟ ମିଶ୍ର ଏଥିରେ ସଭା ମୁଖ୍ୟ ରହିଥିବାବେଳେ ଅତିଥି ଭାବେ ବିଶିଷ୍ଟ ଚିନ୍ତକ ପ୍ରଫେସର ଶ୍ରୀନିବାସ ପାଠୀ ଯୋଗଦେଇଥିଲେ। କବି କାମଦେବ ମହାରଣା ଏବଂ ବନ୍ଦନା ହରିଚନ୍ଦନଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବି ଓ କବୟିତ୍ରୀ କବିତା ଆବୃତ୍ତି କରିଥିଲେ।




● ଅଭୟାରଣ୍ୟରେ ବେଆଇନ ନିର୍ମାଣ

# ୧୩ ପକ୍ଷଙ୍କୁ ଏନ୍‌ଜିଟିଙ୍କ ନୋଟିସ୍

**ପୁରୀ,୫।୨(ସମିସ):** ପୁରୀ ବାଲୁଖଣ୍ଡ ଅଭୟାରଣ୍ୟ ଓ ଏହାର ଇକୋ ସେନ୍‌ସିଟିଭି ଅଞ୍ଚଳରେ ବେଆଇନ କୋଠା, ଫାର୍ମ ହାଉସ୍, ରାସ୍ତା, ହୋଟେଲ, ରେସ୍ତୋରାଁ ପ୍ରଭୃତି ନିର୍ମାଣ ହୋଇଛି। ପୁରୀ ସଦର ଓ ଗୋପ ତହସିଲ୍ ଅଞ୍ଚଳରେ ଏହି ବେଆଇନ କଂକ୍ରିଟ ନିର୍ମାଣ ଓ ଜଙ୍ଗଲ ନଷ୍ଟ ସମ୍ପର୍କରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସଭାପତି ସଞ୍ଜୀବ କୁମାର ମହାନ୍ତି ଏବଂ ସାମାଜିକ କର୍ମୀ ସନ୍ତୋଷ କୁମାର ମହାନ୍ତି। ଏସବୁକୁ ବେଆଇନ ଭାବେ ତିଆରି କରିଥିବା ବ୍ୟକ୍ତିବିଶେଷ ଏବଂ ଏକାଧିକ ଅନୁଷ୍ଠାନ ବିରୋଧରେ ଦୁହେଁ ଅଭିଯୋଗ ଫାଇଲ୍ କରିଥିଲେ। ଅଭିଯୋଗକାରୀଙ୍କ ପକ୍ଷରୁ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଅଖଣ୍ଡ ଏହି ମାମଲାଟିକୁ ପରିଚାଳନା କରୁଥିଲେ। ଗତ ମାସ ୨୯ ତାରିଖରେ ମାମଲାର ଶୁଣାଣିରେ ଏନ୍‌ଜିଟିଙ୍କ ଖଣ୍ଡପୀଠ ବିଚାର କରି ୩୦ ଦିନ ଭିତରେ ଉତ୍ତର ରଖିବା ପାଇଁ ବେଆଇନ ନିର୍ମାଣକାରୀଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପୁରୀ ଜିଲ୍ଲାପାଳ, ଡିଏଫ୍‌ଓ, ପୁରୀ ସଦର ତହସିଲ୍‌ଦାର ଓ ଗୋପ ତହସିଲ୍‌ଦାରଙ୍କ ସମେତ ୧୩ ଜଣ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

■ ଡାହାଣୀ ସନ୍ଦେହରେ ନିର୍ଯାତନା ସଚେତନତା କର୍ମଶାଳା

# 'ଡାହାଣୀ ପ୍ରଥାର ବିଲୋପ ଏକ ସୁସ୍ଥ ସମାଜର ପରିଚୟ'

**ପୁରୀ,୫।୨(ସମିସ):** ସମାଜରେ ଡାହାଣୀ ପ୍ରଥା ଘୃଣ୍ୟ ତଥା ଅପରାଧ। ଏହାର ବିଲୋପ ଘଟିଲେ ଏକ ସୁସ୍ଥ, ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହେବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ। ଗୁରୁବାର ସର୍କିଟ ହାଉସ୍‌ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଡାହାଣୀ ନିର୍ଯାତନା ସଚେତନତା ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ପୁରୁଣା ସମୟରେ ଶିକ୍ଷାର ଅଭାବ, କୁସଂସ୍କାର, ଅନ୍ଧବିଶ୍ୱାସ ଓ ସନ୍ଦେହ କାରଣରୁ ଡାହାଣୀ ପ୍ରଥା ବ୍ୟାପକ ପରିବ୍ୟାପ୍ତ ହେଉଥିଲା। ଆଜିର ସମୟରେ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା, ସଚେତନତା ଓ ସଂସ୍କାରିତ ପଦକ୍ଷେପ ଯୋଗୁଁ ଏହା ହ୍ରାସ ପାଇଛି ସତ କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ ଡାହାଣୀ ପ୍ରଥାକୁ ସମାଜରୁ ଉଚ୍ଛେଦ ପାଇଁ ଆଇନଗତ ଅନେକ ବ୍ୟବସ୍ଥା ରହିଛି। ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ସହ ସମସ୍ତଙ୍କ ଉଦ୍ୟମରେ ସଚେତନ କରାଇବାକୁ ଆହ୍ୱାନ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ ଡାହାଣୀ, ଗୁଣିଆ, ଭୂତପ୍ରେତ ଇତ୍ୟାଦି କାଳ୍ପନିକ ଚରିତ୍ର ଓ ଘଟଣାଗୁଡ଼ିକ ସମାଜର ଅନେକ କ୍ଷତି ସାଧନ କରୁଛନ୍ତି। ଏହା ଶିକ୍ଷା ଓ ସଚେତନତାର ଅଭାବ ଏବଂ କୁସଂସ୍କାର ଯୋଗୁଁ ଘଟୁଛି। ଏହି କଳଙ୍କିତ ପ୍ରଥାକୁ ସମାପ୍ତ କରିବା କ୍ଷେତ୍ରରେ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିପିଏଚ୍ ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ, ଡିଏସ୍‌ପି ତିଳୋତ୍ତମା ରାଉତ, ସ୍ୱେଚ୍ଛାସେବୀ ସଂଗଠନ ୱାନ୍ ଷ୍ଟପ୍ ସେଣ୍ଟର, ବିଜୟା ପୁରୀ, ଓଡ଼ିଶା ପତିତ ଉଦ୍ଧାର ସମିତି ପୁରୀ, ଅଦ୍ୱିକା (ବାଳିକା) ପ୍ରମୁଖର କର୍ମକର୍ତ୍ତା ଡାହାଣୀ ପ୍ରଥାର କୁପ୍ରଭାବ ଓ ନିରାକରଣ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ମାଷ୍ଟର ଟ୍ରେନର ଏଲ୍‌ପିଓ ସନ୍ତୋଷ ସାହୁ, ଜେଜେବି ସଦସ୍ୟ ମହାବୀର ରୁଦ୍ର ନାରାୟଣ ସାହୁ ପ୍ରମୁଖ ଡାହାଣୀ ପ୍ରଥା, ଏହାର କାରଣ, ସମାଜ ଓ ବ୍ୟକ୍ତିବିଶେଷଙ୍କ କ୍ଷତି ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ପରିଚାଳନା କରିଥିଲେ। ମୁଖ୍ୟ ସୁପରଭାଇଜର ବାଲ୍ୟବତୀ ମହାନ୍ତି, ଡିଏସ୍‌ପି ପାପନ ରାଉତ, ସମସ୍ତ ସିଡିପିଓ, ଡିପିସି ମିଶନ ଶକ୍ତି ସ୍ୱାଗତିକା ପରିଡ଼ା, ଡିପିସି ମମତା ପ୍ରଣତି ମହାନ୍ତି, ହବ୍ ଷ୍ଟାଫ୍, ବ୍ଲକ୍ ଓ ଜିଲ୍ଲା ମହାସଂଘର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

# ଘରେ ପଶି ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ



**ପୁରୀ,୫।୨(ସମିସ):** ପୁରୀ ସଦର ଥାନା ଅନ୍ତର୍ଗତ ଖଡ଼ିପଦା ରେବତୀ ରମଣ ଗ୍ରାମରେ ବିନା ନୋଟିସ୍‌ରେ ଘରେ ପଶି ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରିବାକୁ ନେଇ ଗୁରୁବାର ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ବିଦ୍ୟୁତ୍ ବିଭାଗର ଏପରି ବେଆଇନ କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀମାନେ ଧାରଣାରେ ବସିଥିଲେ।

ସୂଚନାଯୋଗ୍ୟ ଯେ, କେଉଁ ଅମଳରୁ ଲୋକମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିରେ ଘର କରି ଚଳି ଆସୁଛନ୍ତି। ବର୍ତ୍ତମାନ ସେଠାରେ ୨୦୦ରୁ ଊର୍ଦ୍ଧ୍ୱ ପରିବାର ଘର କରି ରହି ଆସୁଛନ୍ତି। ଗୁରୁବାର ବିନା ନୋଟିସ୍‌ରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରାଯାଇଥିଲା। ଠାକୁରଙ୍କ ବା ସରକାରୀ ଜମି ହୋଇଥିବାରୁ ବିଦ୍ୟୁତ୍ କାଟ୍ କରାଯାଉଛି ବୋଲି ବିଭାଗ ପକ୍ଷରୁ ଲୋକମାନଙ୍କୁ କୁହାଯାଇଥିଲା। ତେବେ ବିନା ନୋଟିସ୍‌ରେ ପୂର୍ବରୁ କିଛି ନ ଜଣାଇ ଘରେ ପଶି ଲୋକମାନଙ୍କ ବିଦ୍ୟୁତ୍ କାଟ୍ କରିବା ଘଟଣାକୁ ବିରୋଧ କରି ସାହିର ସମସ୍ତ ଲୋକ ରାଜରାସ୍ତାକୁ ଓହ୍ଲାଇ ଓ ରାସ୍ତାରୋକ କରି ସରକାରଙ୍କ ନିକଟରେ ନ୍ୟାୟ ଦାବି କରିଥିଲେ। ଯଦି ସରକାର ସେମାନଙ୍କ ଦାବି ପ୍ରତି ଧ୍ୟାନ ନ ଦିଅନ୍ତି, ତେବେ ସମସ୍ତ ଲୋକ ଭୋଟ୍ ବର୍ଜନ କରିବା ନିମନ୍ତେ ସ୍ଥିର କରିଛନ୍ତି। ଅସନ୍ତୋଷ ବୃଦ୍ଧି ପାଇବାରୁ ଗ୍ରାମବାସୀଙ୍କ ସହ ପ୍ରଶାସନ ଆଲୋଚନା କରିଛି। ଶୁକ୍ରବାର ଏ ନେଇ ବରିଷ୍ଠ ଅଧିକାରୀମାନେ ଆଲୋଚନା କରିବା ନେଇ ଯୋଜନା ଥିବା ସୂଚନା ମିଳିଛି। ଅପରପକ୍ଷରେ ପ୍ରଶାସନ ଉଦ୍ଦେଶ୍ୟମୂଳକ ଭାବରେ ବିଦ୍ୟୁତ୍ କାଟୁଥିବା ଅଭିଯୋଗ ହେଉଛି। ବିଜେଡି ସମର୍ଥିତ ହୋଇଥିବାରୁ ଆକ୍ରୋଶ ରଖାଯାଇ ବିଦ୍ୟୁତ୍ କାଟ୍ କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ମନୋଜ ସୁବୁଦ୍ଧି କହିଛନ୍ତି କି ଆଇନ ଅନୁଯାୟୀ ସମସ୍ତ ନାଗରିକଙ୍କୁ ମୌଳିକ ଅଧିକାର ପ୍ରଦାନ କରିବା କଥା। ସେମାନେ ଦୀର୍ଘବର୍ଷ ହେବ ଉକ୍ତ ସ୍ଥାନରେ ଘର କରି ରହିଆସୁଛନ୍ତି। ବିନା ନୋଟିସ୍‌ରେ ଘରେ ପଶି ଲାଇନ୍ କାଟି ଦିଆଯାଇଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ପାନୀୟ ଜଳ ପାଇଁ ରାସ୍ତାରେ ବିକ୍ଷୋଭ



ଗଣିଆ, ୫ ।୨(ସମିସ): ଏବେଠାରୁ ଜଳ ସଙ୍କଟ ଦେଖାଦେଇଥିବା ବେଳେ ଆଗକୁ ଖରାଦିନ ଆସୁଥିବାରୁ ଏହା ଉତ୍କଟ ରୂପ ନେବା ସମ୍ଭାବନା ରହିଛି ଏଥିରେ ସନ୍ଦେହ ନାହିଁ। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ରାସଙ୍ଗ ଯୋଡ଼ାବର ଗ୍ରାମରେ ଦୀର୍ଘ ୨ ମାସ ହେବ ଜଳ ସଙ୍କଟ ଦେଖା ଦେଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ତତ୍ପରତା ପ୍ରକାଶ ନ କରିବା ଯୋଗୁଁ ଗୁରୁବାର ଗ୍ରାମବାସୀ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ସେମାନଙ୍କ ସମସ୍ୟା ସମାଧାନ କେହି କରୁ ନ ଥିବାରୁ ସେମାନେ ବାଧ୍ୟହୋଇ ବିକ୍ଷୋଭ କରିଥିଲେ। ଘଟଣାସ୍ଥଳରେ ଗଣିଆ ଥାନା ଏସଆଇ ଶ୍ୟାମସୁନ୍ଦର ପ୍ରଧାନ ଏବଂ ବିଭାଗୀୟ କର୍ମଚାରୀ ପହଞ୍ଚି ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ରାସ୍ତାରୁ ହଟିଥିଲେ। ଏପରିକି ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରିବା ସହିତ ୨ ଘଣ୍ଟା ଭିତରେ ଅଚଳ ନଳକୂପ ମରାମତି କରାଯାଇଥିଲା। ନଳକୂପ ହେଉ ଅଥବା ପାଇପ ଜଳ ଯୋଗାଣ ଅଚଳ ହେଲେ ମରାମତି କରିବା ବଦଳରେ ଲିଖିତ ଅଭିଯୋଗ, ରାସ୍ତାରୋକ ଏବଂ ବିକ୍ଷୋଭ କରିବା ପର୍ଯ୍ୟନ୍ତ ଅଧିକାରୀମାନେ ଅପେକ୍ଷା କରିବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗକୁ ଖରାଦିନ ଆସୁଥିବାରୁ ଅଚଳ ଥିବା ପାନୀୟ ଜଳ ଉତ୍ସଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବରିଷ୍ଠ ନାଗରିକ ସଂଗଠନର ବାର୍ଷିକ ଉତ୍ସବ

ରଣପୁର, ୫ ।୨(ସମିସ): ରଣପୁର ବ୍ଲକ ଲୋଧଚୁଆ ପଞ୍ଚାୟତ ବରିଷ୍ଠ ନାଗରିକ ସଂଗଠନର ୪ର୍ଥ ବାର୍ଷିକ ଉତ୍ସବ ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ଗୋପୀମୋହନପୁରସ୍ଥିତ ଅଚିହ୍ନା ପରମହଂସ ଆଶ୍ରମ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ "ଲୟାଲ ୱେଲଫେୟାର ଫାଉଣ୍ଡେସନ' ସହଯୋଗରେ ବରିଷ୍ଠ ନାଗରିକମାନଙ୍କ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବକୁ ବରିଷ୍ଠ ନାଗରିକ ସଂଗଠନର ରାଜ୍ୟ ସଂଗଠକ ବସନ୍ତ କୁମାର ବାରିକ ଉଦଘାଟନ କଲା ପରେ ସଂଗଠନର ସମ୍ପାଦକ ନାରାୟଣ ଇନ୍ଦ୍ରଜିତ ବଳିଆରସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ବରିଷ୍ଠ ନାଗରିକମାନଙ୍କ ନୀତିଗତ ଓ ନୈତିକ ଅଧିକାର ସମ୍ପର୍କରେ ଅବଗତ କରିଥିଲେ। ବରିଷ୍ଠ ନାଗରିକଙ୍କୁ ମିଳୁଥିବା ସରକାରୀ ସୁବିଧା ସମ୍ପର୍କରେ ସଚେତନ କରିଥିଲେ। ୬୦ ଜଣ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ୫୦ ଜଣଙ୍କର ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା। ତ୍ରିନାଥ ବିଶ୍ୱାଳ, ପ୍ରସନ୍ନ କୁମାର ରଥ, ସୁରେଶ ସ୍ୱାଇଁ, ସୂର୍ଯ୍ୟନାରାୟଣ ପ୍ରଧାନ, ସମିତି ସଭ୍ୟ ମୀନକେତନ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଡା. ଆସୁତୋଷ ପଣ୍ଡା ଓ ଫାଉଣ୍ଡେସନର ପରିଚାଳକ ରମେଶ ଚନ୍ଦ୍ର ସ୍ୱାଇଁ ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଥିଲେ।

● ଉତ୍କଳ ସମ୍ମିଳନୀର ୪୯ତମ ଅଧିବେଶନ

## ଦୁଇଦିନ ଧରି ଦଶପଲ୍ଲାରେ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ



ନୟାଗଡ଼, ୫ ।୨(ସମିସ): ଉତ୍କଳ ସମ୍ମିଳନୀର ୨୦୨୫ ଡିସେମ୍ବର ୨୧ ତାରିଖ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ସପ୍ତମ ବୈଠକର ନିଷ୍ପତ୍ତି କ୍ରମେ ୪୯ତମ ସାଧାରଣ ଅଧିବେଶନ ଆସନ୍ତା ଫେବୃଆରୀ ୭ ଓ ୮ ତାରିଖ ଦୁଇଦିନ ଧରି ନୟାଗଡ଼ ଜିଲ୍ଲା ଦଶପଲ୍ଲାଠାରେ ଅନୁଷ୍ଠିତ ହେବାକୁ ଯାଉଛି। ପରିଷଦ ସଭା ଓ ସାଧାରଣ ଅଧିବେଶନ ସାଙ୍ଗକୁ କେନ୍ଦ୍ରୀୟ କମିଟିର ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ। ପରିଷଦ ସଭାରେ ମୁଖ୍ୟ ଆଲୋଚନାର ବିଷୟ ରହିବ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ତଥା ପୃଥିବୀର ୧୦ଟି ବହୁଳ ବ୍ୟବହୃତ ଭାଷା ମଧ୍ୟରେ ପ୍ରାଚୀନ ଓଡ଼ିଆ ଭାଷାକୁ ସ୍ଥାନିତ କରାଯିବାକୁ ପ୍ରସ୍ତାବ ନିଆଯିବ। ଏଥି ସହିତ ସୀମା ସମସ୍ୟା, ଓଡ଼ିଶାର ବରପୁତ୍ରମାନଙ୍କ ପୂଜ୍ୟପୂଜା ନିମନ୍ତେ ଏକ ନୀତି ପ୍ରଣୟନ କରାଯିବ। ଉତ୍କଳ ଗୌରବ ମଧୁବାବୁଙ୍କ ସ୍ୱାଭିମାନୀ ଓଡ଼ିଆ ଜାତି ଗଢ଼ିବାର ସ୍ୱପ୍ନକୁ ସାକାର କରିବା ସକାଶେ ଓଡ଼ିଶାର ବିଭିନ୍ନ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଆଙ୍କ ବହୁଳ ସଂଖ୍ୟାରେ ସମ୍ପୃକ୍ତି ଏବଂ ଆଗାମୀ ୨୦୩୬ର ଓଡ଼ିଶାର ରୂପରେଖ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯିବ। ଏହି ସାଧାରଣ ସଭାରେ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର, ଭାଷାତତ୍ତ୍ୱବିତ୍, ଐତିହାସିକ ଓ ରାଜନୈତିକ ନେତାମାନେ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ସାରସ୍ୱତ ଅଧିବେଶନରେ ରାଜ୍ୟ ଓ ବିଚ୍ଛିନ୍ନାଞ୍ଚଳରୁ ୩୫ଟି ଶାଖା ସଂଗଠନର ୨୫୦ ପ୍ରତିନିଧି ଅଂଶଗ୍ରହଣ କରିବେ। ଏତଦବ୍ୟତୀତ ପଡ଼ୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରୁ ମଧ୍ୟ ପ୍ରତିନିଧି ଯୋଗଦେବେ। ସମାବେଶରେ ପ୍ରତିନିଧିଙ୍କ ପ୍ରଣୀତ ପୁସ୍ତକ ଏଠାରେ ପ୍ରଦର୍ଶିତ ହେବ। ଏନେଇ ଗୁରୁବାର ଭାରତ ବିକାଶ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ନୟାଗଡ଼ ଜିଲ୍ଲା ଶାଖା ସଭାପତି ବସିରନ୍ ବିବି, ସମ୍ପାଦକ ସୁଦର୍ଶନ ପ୍ରଧାନ, ଦଶପଲ୍ଲା ଶାଖା ସଭାପତି ବୈଦ୍ୟନାଥ ସାହୁ, ସମ୍ପାଦକ ହାଡ଼ିବନ୍ଧୁ ମହାଖୁଡ଼ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

ରାତିଅଧିଆ ଚାଲୁଛି ବେଆଇନ ମାଙ୍କଡ଼ା ଖଣି

# ଅନ୍ଧାରରେ ବାଡ଼ି ବୁଲାଉଛି ଖଣି ବିଭାଗ

■ ଚଢ଼ଉ ହେଉଛି, କିନ୍ତୁ ଧରା ହେଉନି
■ ସୂଚନା ଦେଇ ଲୋକ ଦେଖାଣିଆ ଚଢ଼ଉ

ନୟାଗଡ଼, ୫ ।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ଭଗବତୀପ୍ରସାଦ, କୋମଣ୍ଡ ପଞ୍ଚାୟତ ଭାଲୁଗାଡ଼ିଆ ଅଞ୍ଚଳରେ ବେଆଇନ ମାଙ୍କଡ଼ା ଖଣି କାରବାର ଚାଲୁଥିବା ନେଇ "ସକାଳ'ରେ ଖବର ପ୍ରକାଶ ପରେ ଖଣି ବିଭାଗ ତତ୍ପରତା ଦେଖାଇଥିଲା। ଖଣି ବିଭାଗ କର୍ମଚାରୀମାନେ ଲଗାତର ଅଞ୍ଚଳକୁ ଯାଇ ଛାନଭିନ୍ କରୁଥିଲେ ମଧ୍ୟ କୌଣସି ସନ୍ଧାନ ପାଉ ନ ଥିବା ଜଣାପଡ଼ିଛି। ରାତିଅଧିଆ ବେପାର ଚାଲୁଥିବା ବେଳେ ଖଣି ବିଭାଗ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ଭଗବତୀପ୍ରସାଦ ଅଞ୍ଚଳରୁ ଜଙ୍ଗଲ ମଧ୍ୟରେ ଖଣି ମାଫିଆମାନେ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଅଞ୍ଚଳକୁ ରାସ୍ତା କରି ମାଙ୍କଡ଼ା ଚାଲାଣ କରୁଛନ୍ତି। ତଳୁ ଉପର ଯାଏଁ ମାସିକିଆ ଚାନ୍ଦା ଦେଇ ବେଆଇନ ଭାବେ ଚାଲୁଥିବା ଏହି ମାଙ୍କଡ଼ା ପଥର ଚୋରା ଚାଲାଣ ପାଇଁ ରୋହିବାଙ୍କ ବାଘୁଆ ଛକଠାରୁ ବାହାଡ଼ଝୋଲା, ଓଡ଼ଗାଁ ଥାନା ନିକଟରୁ ଗୋଡ଼ିପଲ୍ଲୀ ପର୍ଯ୍ୟନ୍ତ ପ୍ରତି ଛକରେ ଜଗୁଆଳି ଜଗା ଯାଉଛି। ନୟାଗଡ଼ ଖଣି ବିଭାଗ କାର୍ଯ୍ୟାଳୟ ନିକଟରେ ମଧ୍ୟ ରାତିରେ ଜଗୁଆଳି ଜଗା ଯାଉଥିବା ଆଲୋଚନା ହେଉଛି। ଜଗୁଆଳିଙ୍କ ଜରିଆରେ ମାଫିଆମାନେ ପୁଲିସ, ତହସିଲ ଓ ଖଣି ବିଭାଗ ଅଧିକାରୀଙ୍କ ଗତିବିଧିକୁ ନଜରରେ ରଖି ଖେଳ କରୁଛନ୍ତି। ପ୍ରତ୍ୟେକ ରାତିରେ ବେଆଇନ ମାଙ୍କଡ଼ା ଖନନ କରି ଶହ ଶହ ଟ୍ରିପ ଚାଲାଣ ହେଉଛି। ଓଡ଼ଗାଁ ଓ ନୟାଗଡ଼ ବ୍ଲକର କିଛି ଅଞ୍ଚଳକୁ ମାଙ୍କଡ଼ା ପହଞ୍ଚୁଥିବା ବେଳେ ଗଞ୍ଜାମ ଜିଲ୍ଲାକୁ ସର୍ବାଧିକ ମାଙ୍କଡ଼ା ଯାଉଛି। ଏହାସହ ମାଫିଆମାନେ ମାସିକିଆ ଚାନ୍ଦା ଦେଇ ଏହି ବେଆଇନ କାରବାର ଚଳାଉଥିବା ବେଳେ ମାଫିଆଙ୍କ ମଧ୍ୟରେ ସିଣ୍ଡିକେଟ୍ କରାଯାଇଛି। ଏହି ସିଣ୍ଡିକେଟ୍‌ର ନେତୃତ୍ୱ ବାପ ଓ ପୁଅ ନେଇଥିବା ଆଲୋଚନା ହେଉଛି। ମାଙ୍କଡ଼ା ବୁହା ହେଉଥିବା ଗାଡ଼ିଗୁଡ଼ିକରୁ ମାସିକ ୮ରୁ ୧୦ ହଜାର ଲେଖାଏଁ ଆଦାୟ କରି ତଳୁ, ଉପର ଯାଏଁ ସମସ୍ତଙ୍କୁ ସନ୍ତୁଷ୍ଟ କରାଯାଉଛି। ଦୀର୍ଘବର୍ଷ ଧରି ଚାଲି ଆସୁଥିବା ଏହି ବେଆଇନ ମାଙ୍କଡ଼ା ଖଣି କାରବାର ଉପରେ କିଛିଦିନ ରୋକ ଲାଗିଥିବା ବେଳେ ଏବେ ପୁଣି ମାଫିଆ ସକ୍ରିୟ ହୋଇଛନ୍ତି। ନୟାଗଡ଼ ଖଣି ବିଭାଗ ଅଧିକାରୀଙ୍କ ଅପାରଗ ପଣିଆ ଏବଂ ସ୍ୱାର୍ଥପରତା ପାଇଁ ଏଭଳି ବେଆଇନ ଖଣି କାରବାର ସମ୍ଭବ ହୋଇପାରୁଛି।

ବେଆଇନ ମାଙ୍କଡ଼ା ଖନନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଚାଷ ଉଜୁଡ଼ିବାକୁ ବସିଥିବା ବେଳେ ଶହ ଶହ ମୃତ ଖଣି ପୋଖରୀ ପାଲଟିଥିବା ଦେଖିବାକୁ ମିଳିଛି। ଉକ୍ତ ଅଞ୍ଚଳରେ ଚାଲୁଥିବା ମାଫିଆରାଜ ଉପରେ ପ୍ରଶାସନିକ ପାହାର ଆବଶ୍ୟକତା ଥିବା ବେଳେ ଏହାକୁ ସର୍ବଦା ଅଣଦେଖା କରାଯାଉଛି। ସ୍ଥାନୀୟ ଆରଆଇ ସବୁଜାଣି ନିରବ ରହୁଥିବା ଏବଂ ଜିଲ୍ଲା ପ୍ରଶାସନକୁ ଏନେଇ ଅବଗତ କରୁ ନ ଥିବା ଅଭିଯୋଗ ହେଉଛି। ବେଆଇନ ଖଣି ଖନନ ସମ୍ପର୍କରେ ସ୍ଥାନୀୟ ଆର୍‌ଆଇ ତହସିଲକୁ ଏବଂ ତହସିଲ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନକୁ ଅବଗତ କରିବା ନିୟମ ରହିଛି। ମାତ୍ର ଏ ନେଇ କୌଣସି ସୂଚନା ମଧ୍ୟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଉନାହିଁ। ଲଘୁ ଖଣିଜ ବେଆଇନ ଚାଲାଣ ଉପରେ ରୋକ୍ ଲଗାଇବା ପାଇଁ ଖଣି ବିଭାଗ ଯେଉଁଭଳି ତତ୍ପରତା ପ୍ରକାଶ କରିବା କଥା, ତାହା କରୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଖଣି ବିଭାଗ କର୍ମଚାରୀ କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳକୁ ଆସୁଥିବା ନେଇ କିଭଳି ମାଫିଆମାନେ ଆଗୁଆ ଖବର ପାଉଛନ୍ତି ବୋଲି ପ୍ରଶ୍ନ ଉଠିଛି। କେବେ ଏହି ଖଣି କାରବାର ଉପରେ ରୋକ ଲାଗିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ଜନଗଣନା ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ

## ଜିଲ୍ଲାବାସୀଙ୍କ ସହଯୋଗ ଲୋଡ଼ିଲେ ଜିଲ୍ଲାପାଳ



ନୟାଗଡ଼, ୫ ।୨(ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଅଧକ୍ଷତା କରି ଜିଲ୍ଲାପାଳ ମଧୁମିତା ରଥ ଆଗାମୀ ଅପ୍ରିଲ ୧୬ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥି ନିମନ୍ତେ ଅପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ସ୍ୱଗଣନା କରାଯିବ। ଯେଉଁଥିରେ ସେନସସ ପୋର୍ଟାଲ ବ୍ୟବହାର କରି ଯେକୌଣସି ବ୍ୟକ୍ତି ନିଜର ସମସ୍ତ ତଥ୍ୟ ଅପଲୋଡ୍ କରିପାରିବେ। ଯଦିଓ ଜନଗଣନା ଭାରତରେ ପ୍ରତି ୧୦ ବର୍ଷ ବ୍ୟବଧାନରେ ହେବା କଥା, ମାତ୍ର ଏହା ୨୦୧୧ ପରେ ୧୫ ବର୍ଷ ବ୍ୟବଧାନରେ ହେଉଥିବାରୁ ଜଣେ ସଚେତନ ନାଗରିକ ହିସାବରେ ନିଜ ତଥ୍ୟ ସଠିକ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ କହିଲେ ଯେ ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ। ଏଥିରେ କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ ଯାହା ଯୋଜନା ଏବଂ ନୀତି ପ୍ରଣୟନରେ ସାହାଯ୍ୟ କରେ। ତେଣୁ ସମସ୍ତେ ନିଜର ସଠିକ ତଥ୍ୟ ପ୍ରଦାନ କରିବା ଉଚିତ ବୋଲି ସେ କହିଥିଲେ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ପବିତ୍ର କୁମାର ମହଲା ଟ୍ରେନିଂ ଅଫିସର ଭାବେ ଜନଗଣନାକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣରେ ଜନଗଣନା ନିର୍ଦ୍ଦେଶାଳୟ ଅଧିକାରୀ ଅକ୍ଷୟ କୁମାର ନାୟକ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ଜନଗଣନା ସମ୍ପର୍କିତ ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋଚନା କରାଯାଇଛି। ଜିଲ୍ଲାସ୍ତରୀୟ ଅଧିକାରୀ, ଚାର୍ଜସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ କର୍ମଚାରୀମାନେ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇ ଜନଗଣନା କାର୍ଯ୍ୟକୁ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଆବଶ୍ୟକ ଦିଗନିର୍ଦ୍ଦେଶ ଗ୍ରହଣ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ସମସ୍ତ ଗଣନା କାର୍ଯ୍ୟ ସଠିକ୍ ଓ ପାରଦର୍ଶୀ ଭାବେ କରାଯିବା ସହ ଜନସାଧାରଣଙ୍କ ସହଯୋଗ ନିଆଯିବ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ, ଡେପୁଟି-କଲେକ୍ଟର ପ୍ରିୟଙ୍କା ମହାନ୍ତି, ସହାୟକ ଜିଲ୍ଲାପାଳ ଶୁକଦେବ ବେହେରା, ଅନ୍ୟାନ୍ୟ ଜିଲ୍ଲା ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ମ୍ୟୁନିସିପାଲିଟି ଓ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏନେଇ ଜିଲ୍ଲାପାଳ ରଥଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଜନଗଣନା ସମୟରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସାମ୍ବାଦିକ ସମ୍ମିଳନରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

ଖଇନି, ସିଗାରେଟ୍ ଓ ଗୁଟ୍‌ଖା ଜବତ

## ଇଟାମାଟି ପୁଲିସ କବ୍‌ଜାରେ ମାଫିଆ ସମେତ ଦୁଇ

ନୟାଗଡ଼, ୫ ।୨(ସମିସ): ନୟାଗଡ଼ ଜିଲ୍ଲାରେ ବେଆଇନ ଭାବେ ଗୁଟଖା, ଖଇନି ଓ ପାନ ମସଲା ବ୍ୟବସାୟ କରି ଆସୁଥିବା ଜଣେ ବଡ଼ ମାଫିଆ ଏବଂ ତା' ସହଯୋଗୀ ଇଟାମାଟି ପୁଲିସ କବଜାରେ ପଡ଼ିଛନ୍ତି। ପୁଲିସ ସେମାନଙ୍କ ନାମ ପ୍ରକାଶ କରୁ ନ ଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମାଫିଆ ଜଣକ ନୟାଗଡ଼ ସହରର ପ୍ରକାଶ ସାହୁ ବୋଲି ଜଣାପଡ଼ିଛି। ପ୍ରକାଶଙ୍କ ପୈତୃକ ଘର ଖୁଣ୍ଟୁବନ୍ଧ। ପ୍ରକାଶ ଓ ତାଙ୍କ ସହଯୋଗୀଙ୍କୁ ଇଟାମାଟି ପୁଲିସ ଅଟକ ରଖି ଛାନଭିନ୍ ଚଳାଇଛି। ନୟାଗଡ଼ ଜିଲ୍ଲା ଅମରେନ୍ଦ୍ର ବଜାର ଏବଂ ଖଣ୍ଡପଡ଼ା ରାସ୍ତାର ବିଭିନ୍ନ ସ୍ଥାନରେ ପ୍ରକାଶ ଗୋଦାମ କରି ଦୀର୍ଘଦିନ ଧରି ବେଆଇନ ଗୁଟଖା ଓ ଖଇନି କାରବାର କରି ଆସୁଥିଲେ। ଇଟାମାଟି ପୁଲିସ କୌଣସି ଏକ ଅଜଣା ସ୍ଥାନ ଅଥବା ରାସ୍ତାରେ ମାଲ ଯାଉଥିବା ସମୟରେ ତାଙ୍କୁ ଧରିବାରେ ସଫଳ ହୋଇଛି। ତାଙ୍କ ନିକଟରୁ ୭ ବସ୍ତା ଖଇନି ଏବଂ ପୁଡ଼ିଆ (ପାନ ମସଲା) ଜବତ ହୋଇଥିବା ବେଳେ ଏକାଧିକ ପେଟି ସିଗାରେଟ୍ ଜବତ ହୋଇଛି। ପୁଲିସ ଜବତ ସାମଗ୍ରୀର ମୂଲ୍ୟାୟନ କରୁଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ନୟାଗଡ଼ ସହରରେ ପ୍ରକାଶଙ୍କ ବ୍ୟତୀତ ଅନ୍ୟ ଜଣେ ମାଫିଆ ମଧ୍ୟ ବେଆଇନ ଗୁଟଖା କାରବାର ଚଳାଇ ଆସୁଛନ୍ତି। ପୁଲିସ, ପ୍ରଶାସନକୁ ସେ କୁଆଡ଼େ କିଣି ରଖିଥିବା ବିଭିନ୍ନ ସ୍ଥାନରେ କହି ବୁଲୁଛନ୍ତି। ଗୁଟଖା କାରବାର ରୋକିବା ପାଇଁ ପୁଲିସ ଓ ପ୍ରଶାସନ ସ୍ୱତନ୍ତ୍ର ଭାବେ ତଦନ୍ତ କରି ଏହି ମାଫିଆରାଜ ବନ୍ଦ କରିବାକୁ ଦାବି ହେଉଛି।

## ଅବସରପ୍ରାପ୍ତ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

ଭାପୁର, ୫ ।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ପୂର୍ବତନ ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକଙ୍କ ଆହ୍ୱାନ ତଥା ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଭାପୁର ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ବୁଧବାର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ନୂତନ ସଭାପତି ଭାବେ ନିରଞ୍ଜନ ଆଚାର୍ଯ୍ୟ, ଉପସଭାପତି ହାଡ଼ିବନ୍ଧୁ ଦାଶ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ସହ ସମ୍ପାଦକ ରାଜକିଶୋର ପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ଯୋଗୀନାଥ ପଟ୍ଟନାୟକ ସର୍ବସମ୍ମତି ଭାବେ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ଭାବେ ପ୍ରଫୁଲ୍ଲ କୁମାର ମହାନ୍ତି, ରବୀନ୍ଦ୍ର ନାଥ ପଟ୍ଟନାୟକ, ଗଙ୍ଗାଧର ପଣ୍ଡା ଓ ଗଣନାଥ ଦାଶ ରହିଛନ୍ତି।

## ସାମାଜିକ କର୍ମୀଙ୍କ ପରଲୋକ

ଗଣିଆ, ୫ ।୨(ସମିସ): ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ସାହୁଙ୍କର ବେଙ୍ଗାଲୁରୁସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ସୁରେଶ ଦଶପଲ୍ଲା ଗଡ଼ଜାତ ପଞ୍ଚୁପଲ୍ଲୀ ପ୍ରଗଣା କୁଞ୍ଜ ସର୍ଦାରଙ୍କ ସାନପୁଅ ତଥା ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଉପେନ୍ଦ୍ର ନାଥ ସାହୁଙ୍କ ସାନଭାଇ ଅଟନ୍ତି। ହୃଦଘାତରେ ତଙ୍କ ଦେହାନ୍ତ ହୋଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ସେ ଛାମୁଣ୍ଡିଆ ଗ୍ରାମ ସଭାପତି ଭାବେ ବହୁଦିନ ଧରି କାର୍ଯ୍ୟ ତୁଲାଇଥିଲେ। ତାଙ୍କ ମର ଶରୀରକୁ ଜନ୍ମମାଟିକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଛି।

● ରାସ୍ତା ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ

## ଭଙ୍ଗାଗଲା ସୌମ୍ୟବିହାର ପାଚେରି



ଖଣ୍ଡପଡ଼ା, ୫ ।୨(ସମିସ): ଖଣ୍ଡପଡ଼ାରୁ ଫତେଗଡ଼ ଗ୍ରାମକୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱସ୍ଥ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ଜାରି ରହିଛି। ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀଙ୍କ ଉପସ୍ଥିତିରେ ରାସ୍ତା ପାର୍ଶ୍ୱସ୍ଥିତ ସରକାରୀ ଜାଗାରେ ଗଢ଼ି ଉଠିଥିବା ବାସଗୃହ ଓ ଦୋକାନ ଗୃହଗୁଡ଼ିକୁ ଗୁରୁବାର ଭଙ୍ଗା ଯାଇଥିଲା। ଖଣ୍ଡପଡ଼ା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ, ଏନଏସି କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ଅଭିଯାନ ପରେ ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ସରକାରୀ ଜାଗା ଜବରଦଖଲ କରି ସ୍ଥାୟୀ ବାସଗୃହ ନିର୍ମାଣ କରିଥିବା ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ଆଜି ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନୂତନ ଭାବେ ରୂପାନ୍ତରିତ ସୌମ୍ୟ ବିହାର ପାଚେରି ଭଙ୍ଗା ଯାଇଥିବା ଦେଖାଯାଇଛି। ଏହାପରେ ଖଳିସାହି ବଜାରର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ତହସିଲ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଭାପୁର ଡାକ୍ତରଖାନାରେ କାୟାକଳ୍ପ ଟିମ୍

ଭାପୁର, ୫ ।୨(ସମିସ): ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି କାୟାକଳ୍ପ ଟିମ। ରୋଗୀଙ୍କୁ ଯୋଗାଇ ଦିଆଯାଉଥିବା ସେବା, ପରିବେଶ ପରିଚ୍ଛନ୍ନତା ଓ ବର୍ଜ୍ୟବସ୍ତୁ ପରିଚାଳନା ଭଳି ବିଷୟରେ ଏହି ଟିମ ବୁଲି ଦେଖିଛନ୍ତି। ଟିମରେ ଆଡିସନାଲ ସେକ୍ରେଟାରୀ ଡ. ବିଜୟ କୁମାର ଧଳ, ଡ. ପ୍ରଶାନ୍ତ କୁମାର ଦାସ ଆସିଥିଲେ। ଭାପୁର ଡାକ୍ତରଖାନାର ଭାରପ୍ରାପ୍ତ ମୁଖ୍ୟ ଡାକ୍ତର ବିଶ୍ୱନାଥ ସାହୁ, ଡା. ପ୍ରଦୀପ କୁମାର ପାଇକରାୟ, ଡା. ସତ୍ୟପ୍ରିୟ ସାହୁ, ଡା. ଫଣୀଭୂଷଣ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ଶକ୍ତି ଯଜ୍ଞ



ଓଡ଼ଗାଁ, ୫ ।୨(ସମିସ): ଓଡ଼ଗାଁ ଏନ୍‌ଏସି କଦଳୀ ବନ୍ଧଠାରେ ମା' ଅନ୍ଧାର ବାଉତୀଙ୍କ ତୃତୀୟ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଶକ୍ତିଯଜ୍ଞ ଅନୁଷ୍ଠିତ ହୋଇଛି। ମହିଳାଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୩ ଦିନ ଧରି ହେବାକୁ ଥିବା ଯଜ୍ଞର ବୁଧବାର ପ୍ରଥମ ଦିବସରେ ଓଡ଼ଗାଁ ରାମସାଗର ପୁଷ୍କରିଣୀ କୂଳରେ ବ୍ରାହ୍ମଣଙ୍କ ଦ୍ୱାରା କଳସ ସଂସ୍କାର ଓ ପୂଜନ ପରେ ନୂତନ ବସ୍ତ୍ର ପରିଧାନ କରି ୧୦୮ ମହିଳା କଳସ ଧାରଣକରି ସଙ୍କୀର୍ତ୍ତନ ମଣ୍ଡଳୀ ସହ ଓଡ଼ଗାଁ ନଗର ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ବ୍ରାହ୍ମଣ ବରଣ କରାଯାଇ ଦେବ ଆବାହନ, ଅଗ୍ନି ସ୍ଥାପନ, ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଦଳୀବନ୍ଧ ଓ ରଗଡ଼ିସାହି ଗ୍ରାମବାସୀଙ୍କ ସହଯୋଗରେ ଏହି ଯଜ୍ଞ ଅନୁଷ୍ଠିତ ହେଉଛି।

ନିଖୋଜ ଛାତ୍ର ମୃତ୍ୟୁ ଘଟଣା

# ବିଦ୍ୟାଳୟରେ ତାଲା, ମା' ଆଖିରେ ଲୁହ

ଗଣିଆ, ୫ ।୨(ସମିସ): ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଳିକ ନିଖୋଜ ହେବା ଏବଂ ସ୍ଥାନୀୟ ଏକ କୂଅରୁ ତାଙ୍କ ଶବ ଉଦ୍ଧାର ଘଟଣାକୁ ୨ ଦିନ ବିତିଗଲାଣି। ହେଲେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ପରିବାର ଲୋକେ ପିଲାଟିକୁ ହତ୍ୟା କରାଯାଇଥିବା

### ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ଅଭିଯୋଗ କରିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ବିଦ୍ୟାଳୟରେ ତାଲା ପଡ଼ିଥିବା ବେଳେ ଖାଁ ଖାଁ ଲାଗୁଛି ସ୍କୁଲ ପରିବେଶ। ସାଙ୍ଗର ଏଭଳି ଅକାଳ ମୃତ୍ୟୁରେ ସହପାଠୀ ଭୟଭୀତ ହୋଇଯାଇଛନ୍ତି। ଘଟଣା ଦିନ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷୟିତ୍ରୀ ଏବଂ ଜଣେ ସହକାରୀ ଶିକ୍ଷୟିତ୍ରୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟରେ ଅବହେଳା ପାଇଁ ଚାକିରିରୁ ନିଲମ୍ବନ କରିଥିବା




ବେଳେ ସେଠାରେ କାର୍ଯ୍ୟରତ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ପଟ୍ଟନାୟକଙ୍କୁ ଦାୟିତ୍ୱ ପ୍ରଦାନ କରିବା ସହିତ ଶିକ୍ଷକ ପ୍ରଭାତ କୁମାର ବେହେରାଙ୍କୁ ଡେପୁଟେସନରେ ସେହି ବିଦ୍ୟାଳୟକୁ ପଠାଇଛନ୍ତି। ତେବେ ବିଦ୍ୟାଳୟରେ ତାଲା ପଡ଼ିଥିବାରୁ ତଥା ଛାତ୍ରଛାତ୍ରୀ ଆସି ନ ଥିବାରୁ ଶିକ୍ଷକ ଦ୍ୱୟ ସେଠାରୁ ଚାଲି ଆସିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଆରସିସି ବିନୋଦିନୀ ପଣ୍ଡାଙ୍କୁ ପଚାରିବାରୁ କହିଲେ, ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇଥିବାରୁ ଶିକ୍ଷକ ଦୁଇଜଣ ଫେରି ଆସିଛନ୍ତି। ଏ ନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। ସେପଟେ ପିଲାଟିର ମା' ଆଖିରୁ ଲୁହ ଶୁଖୁନି। ବାପା ପାଗଳ ପ୍ରାୟ ହେଉଛି। ବାପା ମା'ଙ୍କୁ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି ଗ୍ରାମବାସୀ। ଘଟଣାଟି ରହସ୍ୟ ଭିତରେ ରହିଛି। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବା ବେଳେ ଅଞ୍ଚଳରେ ଏକପ୍ରକାର ଶୋକାକୁଳ ପରିବଶ ସୃଷ୍ଟି ହୋଇଛି। ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରୁଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରତାମାଟିରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି



ନିରାକାରପୁର,୫।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଟାଙ୍ଗୀ ବ୍ଲକ ଅଚ୍ୟୁତପୁର ପାଟଣା ପଞ୍ଚାୟତ ରତାମାଟି ଗ୍ରାମରେ ମା' ଚଣ୍ଡୀ ଦେବୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ଆଜି ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରାରେ ଜଳ ଆସିବା ପରେ ଘଟ ସ୍ଥାପନ ହୋଇଥିଲା। ସଂକଳ୍ପଧାରୀ ମହିଳା ପୁରୁଷମାନେ ନିକଟସ୍ଥ ନଦୀରୁ ଜଳ ଆଣିଥିଲେ। ଏହି ମହାଯଜ୍ଞ ରେ ଶାଳା ପୂଜା, ସୂର୍ଯ୍ୟ ପୂଜା, ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜି ପୂର୍ଣ୍ଣାହୁତି ଅନୁଷ୍ଠିତ ହେବା ସହିତ ଶେଷରେ ସମସ୍ତ ଭକ୍ତ ପ୍ରସାଦ ସେବନ କରିଥିଲେ। ଆଜି ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଠାକୁରାଣୀଙ୍କ ଆଶିଷ ଲାଭ କରିଥିଲେ। ଦୈନନ୍ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବାବେଳେ ଯଜ୍ଞ କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ମିଲର୍-ପ୍ରଶାସନ ମଧୁଚନ୍ଦ୍ରିକା

# କଟ୍‌ନୀଛଟ୍‌ନୀରେ ଶୋଷଣର ଶିକାର ହେଉଛନ୍ତି ଚାଷୀ

ବାଲୁଗାଁ;୫।୨(ସମିସ); ଚାଷୀ ଝାଳବୁହା ଫସଲର ଉଚିତ ମୂଲ୍ୟ ପାଇବା ପାଇଁ ରାଜ୍ୟ ସରକାର ବିଭିନ୍ନ ସମବାୟ ସମିତି ଜରିଆରେ ମଣ୍ଡି ଖୋଲି ଧାନ କିଣିବାକୁ ବ୍ୟବସ୍ଥା କରିଥିବା କରୁଥିବାବେଳେ ବାସ୍ତବରେ ଅନେକ ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି।

ମିଲର୍-ପ୍ରଶାସନ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀ ଏଭଳି ସମସ୍ୟା ଭୋଗୁଥିଲେ ବି କାହାରିକୁ କିଛି କହିପାରୁନାହାଁନ୍ତି।

ଖୋର୍ଦ୍ଧା ଜିଲ୍ଲା ଚିଲିକା ଓ ବାଣପୁର ବ୍ଲକ୍ ଅନ୍ତର୍ଗତ ସମସ୍ତ ସମବାୟ ସମିତିରେ ମଣ୍ଡି ଖୋଲା ଯାଇ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କ୍ରୟ ଚାଲିଛି। ଚିଲିକା ବ୍ଲକ୍‌ର ୧୩ଟି ଓ ବାଣପୁର ବ୍ଲକ୍‌ରେ ୧୫ଟି ସମବାୟ ସମିତିରେ ସମସ୍ତ ମଣ୍ଡି ଖୋଲା ଯାଇଥିବା ସ୍ଥଳେ ୫ଟି ମିଲର ପଏଣ୍ଟ ଜରିଆରେ ଧାନ କ୍ରୟ ହେଉଛି। ତେବେ ମଣ୍ଡିରେ ମୁହଁଦେଖା ବ୍ୟାପାର ଚାଲିଥିବାବେଳେ ଖୋଲାଖୋଲି ଭାବେ ୫ ରୁ ୬ କେଜି ଧାନ କଟ୍‌ନୀଛଟ୍‌ନୀ ହେଉଛି। ଯାହାଦ୍ୱାରା ଚାଷୀ ଶୋଷଣର ଶିକାର ହେଉଛି। ମଣ୍ଡିରେ ଧାନ ବିକ୍ରି କରିବାକୁ ବହୁ ଚାଷୀ ଏବେ ମଧ୍ୟ ଅପେକ୍ଷା କରିଥିବାବେଳେ ଠିକ୍ ସମୟରେ ଧାନ ବିକ୍ରି କରିପାରୁନାହାନ୍ତି। କେଉଁଠି ଟୋକନ୍‌ର ଅବଧି ଶେଷ ହେବାକୁ ଅଳ୍ପ ସମୟ ଥିବାବେଳେ ଧାନ ଦେଇପାରିନାହାନ୍ତି। ବାରମ୍ବାର ସୋସାଇଟିକୁ ଦୌଡ଼ି ନିରାଶ ହୋଇ ଶେଷରେ ଶାଗମାଛ ଦରରେ ଅସାଧୁ ବେପାରୀଙ୍କୁ ଧାନ ଦେବାକୁ ବାଧ୍ୟ ହେଉଛି।

ଅପରପକ୍ଷରେ ଗତବର୍ଷ ଅମଳ ସମୟରେ ବର୍ଷା ହେବାରୁ ଧାନର ମାନ କେତେକାଂଶରେ ହ୍ରାସ ପାଇଥିଲା। ମାତ୍ର ଚଳିତବର୍ଷ ଉତ୍ତମ ପାଣିପାଗ ଯୋଗୁଁ ଓ ମଣ୍ଡିରେ ଭଲ ଧାନ ଦେବାକୁ ପୂର୍ବାପେକ୍ଷା ସଚେତନ ହୋଇଥିବାରୁ ଚାଷୀ ଅମଳବେଳେ ସେଥିପ୍ରତି ଦୃଷ୍ଟି ଦେଇ ଧାନ



ସଂଗ୍ରହ କରିଛନ୍ତି। ତଥାପି ପ୍ରଶାସନ-ମିଲର୍ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀଙ୍କ ଭଲ ମାନର ଧାନରୁ ବି ୫ରୁ ୬ କେଜି ପର୍ଯ୍ୟନ୍ତ କଟ୍‌ନୀ ଛଟ୍‌ନୀ କରୁଛନ୍ତି। ଯଦି ପ୍ରଶାସନ-ମିଲର୍ ମଧୁଚନ୍ଦ୍ରିକା ନାହିଁ, ତେବେ ଲୋକେ ବାରମ୍ବାର ଦାବି କରୁଥିବା ସତ୍ତ୍ୱେ ଏଥିପ୍ରତି ପ୍ରଶାସନ କାହିଁକି ଦୃଷ୍ଟି ଦେଉନାହିଁ ବୋଲି ଅନେକ ଚାଷୀ ପ୍ରଶ୍ନ କରିଛନ୍ତି। ଚିଲିକା ଓ ବାଣପୁର ବ୍ଲକ୍ ଅଧୀନ ୫ଟି ମିଲର ପଏଣ୍ଟ ମାଧ୍ୟମରେ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଉଥିବା ବେଳେ ଏଯାବତ ଦୁଇ ବ୍ଲକ୍‌ର ସମସ୍ତ ମଣ୍ଡିରୁ ପ୍ରାୟ ୨ଲକ୍ଷ ୨୫ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

ଏପରିକି ଗାଡ଼ିରୁ ଧାନ ଖାଲି କରିବା ପାଇଁ ଖଲାସି ବାବଦକୁ ୧୫୦ଟଙ୍କା ଆଦାୟ କରୁଥିବା ବେଳେ ଧାନ ବାବଦକୁ ସମବାୟ ସମିତିରୁ ଟଙ୍କା ପାଇବା ବହୁ ବିଳମ୍ବ ହେଉଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଚିଲିକା ନିର୍ବାଚନ ମଣ୍ଡଳୀର ଚିଲିକା ବ୍ଲକ୍ ଓ ବାଣପୁର ବ୍ଲକ୍ ଅଧୀନ ବିଭିନ୍ନ ସୋସାଇଟିର କେତେକ ମଣ୍ଡିରେ ଧାନ କ୍ରୟ ସ୍ୱାଭାବିକ ଚାଲିଥିବା ବେଳେ ଆଉ କିଛି ସ୍ଥାନରେ ସମସ୍ୟା ଉପୁଜୁଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ଚାଷୀଙ୍କୁ ଶୋଷଣମୁକ୍ତ କରିବାକୁ ଦାବି ହେଉଛି।

# ଜୟୀ ରାଜଗୁରୁ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ଖୋର୍ଦ୍ଧା,୫।୨(ସମିସ): ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଜେମାଦେଇ ଜୟୀରାଜ ଗୁରୁ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟର ପ୍ରତିଭା ଅନ୍ୱେଷଣ ଓ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଆଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ



ବିଦ୍ୟାଳୟର ପ୍ରତିଷ୍ଠାତା ପରିବାର ସଦସ୍ୟ ସମାଜସେବୀ ପ୍ରତାପ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର୍ ଡ. ଅଶୋକ କୁମାର ନନ୍ଦ ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷକ ନେତା ସୁରେଶ ଚନ୍ଦ୍ର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଜଗଦ୍ଦେବ ଓ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷୟିତ୍ରୀ ମଞ୍ଜୁରାଣୀ ରାଉତରାୟ ଯୋଗଦେଇ ଛାତ୍ରଛାତ୍ରୀ ଜଣେ ଜଣେ ଭଲ ମଣିଷ ହେବା ସହିତ ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନ ପ୍ରଦର୍ଶନ କରିବାକୁ ଉପଦେଶ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ନନ୍ଦ ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଆର୍ତ୍ତତ୍ରାଣ ତରାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ କୈଳାସ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବକ୍ତୃତା, ପ୍ରବନ୍ଧ ଲିଖନ, କଣ୍ଠସଙ୍ଗୀତ, ଦୌଡ଼ ପ୍ରତିଯୋଗୀତା ପରି ୧୨ଟି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଗତ ବର୍ଷ ହାଇସ୍କୁଲ ବୋର୍ଡ଼ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଏ-୧ ପାଇଥିବା ଛାତ୍ର ସମର ପରିଡ଼ାଙ୍କୁ ବିଦ୍ୟାଳୟର ଗର୍ବ ଭାବେ ବାର୍ଷିକ ଟ୍ରଫି ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ସର୍ବାଧିକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଶୁଭସ୍ମିତା ନାୟକଙ୍କୁ ବିଦ୍ୟାଳୟର ଚାମ୍ପିଅନ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ନିରୁପମା ଛୋଟରାୟ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଶିକ୍ଷୟିତ୍ରୀ ବାସନ୍ତୀ ପଲେଇଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା।

# ନାଚୁଣୀ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ଚିଲିକା,୫।୨(ସ.ମି.ସ) ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ମହାବିଦ୍ୟାଳୟ ଓଡ଼ିଆ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସାହିତ୍ୟ ସଂସଦର ସଭାପତି ଡଃ ସୁନୀଲ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାରସ୍ୱତ ଉତ୍ସବର ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ଧୂପପୁଷ୍ପ ଅର୍ପଣ କରିବା ସହ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ସାହିତ୍ୟ ସଂସଦର ସାରସ୍ୱତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ରାମଚନ୍ଦ୍ରମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆଭାଷାତତ୍ତ୍ୱ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରାଧ୍ୟାପକ ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରବଚକ ଓ କଣାସ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପକ ଡଃ ଗୁରୁପ୍ରସାଦ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଚିଲିକା ସାହିତ୍ୟ ସମାଜର ସଭାପତି କବି ବାଳମୁକୁନ୍ଦଦାସ, ଯୋଗ ଦେଇ ମାତୃଭାଷା ଓଡ଼ିଆଭାଷା ସାହିତ୍ୟର ବର୍ତ୍ତମାନ ଉତ୍ତରଣରେ ପୁଣି ଭାଷା ସାହିତ୍ୟ ଉନ୍ନତି ସାଧନ ସହିତ ଓଡ଼ିଆ ଅସ୍ମିତାର ପରିଚୟ ଓଡ଼ିଆ ଭାଷା ଓ କୋଟି ଓଡ଼ିଆର ପ୍ରାଣ ପ୍ରଭୁଶ୍ରୀଜଗନ୍ନାଥଙ୍କୁ ସମନ୍ୱୟ କରି କିପରି ବର୍ତ୍ତମାନ ଆଗକୁ ବଢ଼ିବାକୁ ହେବ ଏବଂ ଯୁବପିଢ଼ିଙ୍କ ମନରେ ଓଡ଼ିଆଭାଷା ସାହିତ୍ୟପ୍ରତି କିପରି ଆଗ୍ରହ ସୃଷ୍ଟି ହେବ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ସାରସ୍ୱତ ସାଧକ ପଣ୍ଡିତ ମହେଶ୍ୱର ଦାଶଶର୍ମା ଓ କବି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କୁ ଯଥାକ୍ରମେ କବି ଲକ୍ଷ୍ମୀଧର ଭୋଳ ସ୍ମୃତି ସମ୍ମାନ ଏବଂ ଆଞ୍ଚଳିକ ପ୍ରତିଭା



ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂସଦର ଉପସଭାପତି ଓଡ଼ିଆ ଭାଷାତତ୍ତ୍ୱ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ରାଜଲକ୍ଷ୍ମୀ ବେହେରା ମାନପତ୍ର ପାଠ କରିଥିଲେ। ଅଧ୍ୟାପିକା ଲୀନା ନଦୀଜା ଏହି ଉତ୍ସବକୁ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ସୁଭଦ୍ରାଭୋଳ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବର ପ୍ରାରମ୍ଭରେ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଉଦବୋଧନୀ ସଂଗୀତ ଗାନ କରାଯାଇଥିବାବେଳେ ଉତ୍ସବ ଶେଷରେ ମନସ୍ତତ୍ତ୍ୱ ବିଭାଗର ଡେମୋନ୍‌ଷ୍ଟ୍ରେଟର ସଂଗ୍ରାମ ହରିଚନ୍ଦନଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ "ପ୍ରତିଶ୍ରୁତି' ମଞ୍ଚସ୍ଥ ହୋଇଥିଲା।

# ମଦ ଜବତ; ୩ ଅଭିଯୁକ୍ତ କୋର୍ଟ ଚାଲାଣ



ବେଗୁନିଆ,୫।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗର ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ସଦର ରେଞ୍ଜ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନ ଓ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଛି। ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଜଙ୍କିଆ ଥାନା ଅନ୍ତର୍ଗତ ଗଉଡ଼ିଆପଡ଼ା ସିକୋ ଓ କଅଁରପୁର ଗ୍ରାମରେ ଚଢ଼ଉ କରାଯାଇ ୧୮୦ ଲିଟର ଦେଶୀ ମଦ ଜବତ ସହ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ସୀତା ମାନସିଂହ, ରତ୍ନାକର ଛୁଆଳସିଂହ ଓ ଶ୍ରୀଧର ପଣ୍ଡା।

# ବ୍ରାଉନସୁଗର୍ ଜବତ, ବେପାରୀ ଗିରଫ

ଜଟଣୀ,୫।୨(ସମିସ): ଜଟଣୀ ଥାନା ଲୋକ କଲୋନୀ ଅଞ୍ଚଳରେ ବ୍ରାଉନସୁଗର୍ ବିକ୍ରି ଅଭିଯୋଗରେ ଜଣେ ବେପାରୀକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ପୁରୀ କଣାସ ଅଞ୍ଚଳର ଜଟଣୀ ଲୋକ କଲୋନୀସ୍ଥିତ ମାଣିଆ ଛକରେ ରହୁଥିବା ସଦାଶିବ ପଟ୍ଟନାୟକ(୨୫)। ଅଭିଯୁକ୍ତ ନିକଟରୁ ୧୦ଗ୍ରାମର ବ୍ରାଉନସୁଗର୍ ପୁଲିସ ଜବତ କରିଛି। ସୂଚନାଯୋଗ୍ୟ, ଜଟଣୀ ଲୋକ କଲୋନୀସ୍ଥିତ ଭାଗବତ ମନ୍ଦିର ନିକଟରେ ଅନେକ ଦିନ ହେଲା ନିଶା କାରବାର ଚାଲି



ଆସିଥିଲା। ବାରମ୍ବାର ଅଭିଯୋଗ ପରେ ଆଜି ପୁଲିସର ଏକ ଟିମ୍ ମନ୍ଦିର ନିକଟରେ ଅତର୍କିତ ଚଢ଼ଉ କରିଥିଲା। ଘଟଣାସ୍ଥଳରେ ଅଭିଯୁକ୍ତ ଗ୍ରାହକ ଅପେକ୍ଷାରେ ଥିବାବେଳେ ପୁଲିସ କାବୁ କରିଥିଲା। ଯାଞ୍ଚ ସମୟରେ ତା' ନିକଟରୁ ବ୍ରାଉନସୁଗର୍ ପୁଲିସ ଜବତ କରିଥିଲା। ଏ ନେଇ ଥାନାରେ ଏକ କେସ ନଂ ୫୨/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

# କବି ଉମେଶ ପଟ୍ଟନାୟକଙ୍କ 'ମୟୂରଚନ୍ଦ୍ରିକା' ଉନ୍ମୋଚିତ

ଟାଙ୍ଗୀ,୫।୨(ସମିସ): କବି ଉମେଶ ଚନ୍ଦ୍ର ପଟ୍ଟନାୟକଙ୍କ ପୁସ୍ତକ "ମୟୁର ଚନ୍ଦ୍ରିକା' ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ନିର୍ଦ୍ଦେଶକ ହରମୋହନ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍‌ର ଅବସରପ୍ରାପ୍ତ ପରିସଂଖ୍ୟାନ କ୍ଷେତ୍ର ପରିଦର୍ଶକ ତଥା କବି ଉମେଶ ଚନ୍ଦ୍ର ପଟ୍ଟନାୟକଙ୍କ ପୁସ୍ତକ 'ମୟୂର ଚନ୍ଦ୍ରିକା' ଉନ୍ମୋଚନ ହୋଇଯାଇଛି। ଏହି ପୁସ୍ତକରେ



ସାମାଜିକ, ଆଧ୍ୟାତ୍ମିକ, ପାରିବାରିକ ତଥା ମନୁଷ୍ୟ ଜୀବନଶୈଳୀ କୁ ନେଇ ମୋଟ ଏକ ଶହ ଟି କବିତା ସ୍ଥାନ ପାଇଛି। ମୁଖ୍ୟ ଅତିଥି ରୂପେ ପରିସଂଖ୍ୟାନ ଯୁଗ୍ମ ନିର୍ଦ୍ଦେଶକ ବିଜ୍ଞାନ ମହାନ୍ତି କବିଙ୍କ ଲେଖନୀକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଜୟଶ୍ରୀ ରଥ, ଅଳକା ପଟ୍ଟନାୟକ, ଆବାହକ ଦୀନବନ୍ଧୁ ମଲ୍ଲିକ, ସମ୍ପାଦକ ପ୍ରଶାନ୍ତ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନାମ ମଲ୍ଲିକ ଧନ୍ୟବାଦ ଜଣାଇଥିଲେ।

# ଦୁଇ ଗୋଷ୍ଠୀ ମାରପିଟ ଘଟଣାରେ ଜଣେ ଗିରଫ

ନିରାକାରପୁର,୫।୨(ସମିସ): ଗତ ତିନିଦିନ ଧରି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅଞ୍ଚଳରେ ସୃଷ୍ଟି ହୋଇଥିବା ଅଶାନ୍ତ ପରିସ୍ଥିତ ଉପରେ ପୁଲିସର ଲଗାମ ଲଗାଇବାକୁ ଆଜି ଗୋଟିଏ ଗୋଷ୍ଠୀ ଦାବି କରିଥିବାବେଳେ ମାଡ଼ପିଟ ଘଟଣାରେ ଆଜି ପୁଲିସ ଗୋଟିଏ ଗୋଷ୍ଠୀର ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି ଗତ ମଙ୍ଗଳବାର ଓ ବୁଧବାର ସ୍ଥାନୀୟ ଷ୍ଟେସନ ବଜାରରେ କୌଣସି କାରଣକୁ କେନ୍ଦ୍ର କରି ଉକ୍ତ ଥାନା ଅଞ୍ଚଳର ଦୁଇ ଗୋଷ୍ଠୀ ମଧ୍ୟରେ ମାଡ଼ପିଟ ହୋଇଥିବାବେଳେ ଏବେ ବି ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ପୁଲିସ ଏହି ଘଟଣା ଉପରେ ନଜର ରଖି ଷ୍ଟେସନ ବଜାରରେ ପଇଁତରା ମାରୁଛି। ମାଡ଼ପିଟ୍ ଘଟଣାରେ ସଂପୃକ୍ତ ଜଣେ ଯୁବକକୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଉଭୟ ଗୋଷ୍ଠୀ ନିଜ ନିଜ ଅଞ୍ଚଳରେ ଏକଜୁଟ ହେଉଥିବାବେଳେ ଆଜି ଗୋଟିଏ ଗୋଷ୍ଠୀ କେଉଁ ଘଟଣାରୁ ଏହି ଗଣ୍ଡଗୋଳର ସୂତ୍ରପାତ ହୋଇଛି ତାହା ତଦନ୍ତ କରି ଏଥିରେ ସଂପୃକ୍ତ ବ୍ୟକ୍ତି ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଶରୀରବିହୀନ ଖପୁରୀ ଉଦ୍ଧାର

ବେଗୁନିଆ,୫।୨(ସମିସ): ବେଗୁନିଆ ଥାନା ଧଳାପଥର ଫାଣ୍ଡି କଳାପଥର କପିଳେଶ୍ୱର ମନ୍ଦିର ନିକଟରୁ ପଚିଯାଇଥିବା ଏକ ଶରୀର ବିହୀନ ଖପୁରୀ ଦେଖିବାକୁ ମିଳିଥିଲା। ପରେ ଧଳାପଥର ଫାଣ୍ଡି ପୁଲିସ ଘଟଣାର ଅନୁଧ୍ୟାନ ଆରମ୍ଭ କରି



ଧଳାପଥର ସରପଞ୍ଚ ନାରାୟଣ ସାହୁ ଲିଖିତ ଅଭିଯୋଗ ପାଇ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ଏକ ଅପମୃତ୍ୟୁ କେସ ରୁଜୁ କରିଛନ୍ତି। ଏହି ଖପୁରିଟିର ଡିଏନଏ ପରୀକ୍ଷା କରିବା ପାଇଁ ପଠାଇ ଥିବା ବେଳେ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି।

# ଜୟ ମା'ଭଗବତୀ ହେଲ୍ପ ଫାଉଣ୍ଡେସନର ବାର୍ଷିକ ଉତ୍ସବ

ବାଣପୁର;୫।୨(ସମିସ) : ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ନାମରେ ନାମିତ ଜୟ ମା' ଭଗବତୀ ହେଲ୍ପ ଫାଉଣ୍ଡେସନ ଓ ନାରୀ ସଶକ୍ତୀକରଣ ଓଡ଼ିଶା ଅନୁଷ୍ଠାନର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଚେୟାରମ୍ୟାନ ପାୟଲ ପ୍ରିୟଦର୍ଶିନୀ ନାୟକ ଓ ସଦସ୍ୟ ରୋଜାଲିନ୍ ପ୍ରଧାନଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ କଟକ ସହରରୁ ଆସି ପାୟଲଙ୍କ ଜନ୍ମମାଟି ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ମା'ଙ୍କ



ନିକଟରେ ପୂଜାର୍ଚ୍ଚନା କରି ପାୟଲ ସମସ୍ତ ଜନସାଧାରଣଙ୍କ ମଙ୍ଗଳ କାମନା କରିବା ସହ ନିଜର ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା ଲାଗି ମା'ଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଦୀର୍ଘ ୬ ବର୍ଷ ହେବ ଅନୁଷ୍ଠାନ ତରଫରୁ ପାୟଲ ମାନବ ସେବା ହିଁ ମାଧବ ସେବାକୁ ପାଥେୟ କରି ନିଷ୍ପାପର ସହକାରେ ଗରିବ ଅସହାୟଙ୍କୁ ରକ୍ତଦାନ ଆଦି ବିଭିନ୍ନ ସାହାଯ୍ୟ ସହଯୋଗର ହାତ ବଢ଼ାଇ ଆସୁଥିବା ବେଳେ ଆଗକୁ ନିଜର ଏହି ସେବା କାର୍ଯ୍ୟ ଜାରି ରଖିବେ ବୋଲି ପାୟଲ କହିଛନ୍ତି।

## ଡମଣଭୂମି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ଏକାଗ୍ରତା ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ପହଞ୍ଚାଇବ'

ନିରାକାରପୁର,୫।୨(ସମିସ):

ଉତ୍ତମ ପରିବେଶ ଛାତ୍ର ଜୀବନକୁ ଶୃଙ୍ଖଳିତ ଓ ମାର୍ଜିତ କରି ଏକ ଭଲ ମଣିଷ ଗଢ଼ିବାରେ ସହାୟ ହୁଏ। ଏକାଗ୍ରତା ଛାତ୍ରଛାତ୍ରୀଙ୍କୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପଥରେ ପହଞ୍ଚାଇବ ବୋଲି ଆଜି ଖୋର୍ଦ୍ଧା ଜିଲ୍ଲା ଡମଣଭୂମି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ଆଲୋକ ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ଶିକ୍ଷା ଗୋଷ୍ଠୀ ଅଧିକାରୀ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା



ଭାବେ ମଳିପଡ଼ା କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସରପଂଚ ଶୁଭଦର୍ଶିନୀ ଭୋଳ, ସମିତି ସଭ୍ୟ ନେତ୍ରାନନ୍ଦ ପ୍ରଧାନ, ସମାଜସେବୀ ଚିତ୍ତରଞ୍ଜନ ଭୋଳ, ସହ ପ୍ରତିଷ୍ଠାତା ସୁଦାମ ଚରଣ ଛୋଟରାୟ, ସାମ୍ବାଦିକ ରଘୁନାଥ ସାହୁ, ସିଆର୍‌ସିସି ପ୍ରଶାନ୍ତ କୁମାର ମହାପାତ୍ର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରଜ କିଶୋର ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଚକ୍ରବର୍ତ୍ତୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ବେହେରା। ଏହି ଅବସରରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ● ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଆଫ୍ରିକା ଇଲେଭେନ୍

ବେଗୁନିଆ,୫।୨(ସମିସ): ବେଗୁନିଆ ସଦର ମହକୁମାସ୍ଥିତ କଲେଜ ଖେଳ ପଡ଼ିଆ ପରିସରରେ ବାବା ବାଲୁଙ୍କେଶ୍ୱର ଦେବ ଫୁଟବଲ ଆସୋସିଏସନ୍ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଆଫ୍ରିକା ଇଲେଭେନ୍ ଭୁବନେଶ୍ୱର ଓ ଶ୍ରୀନୀଳଚକ୍ର କ୍ଲବ୍ ପୁରୀ ମଧ୍ୟର ଖେଳ ଅନୁଷ୍ଠିତ ହୋଇଥିଲା। ଖେଳରେ ସମାଜସେବୀ ମନୋଜ କୁମାର ପ୍ରଧାନ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ ମୁଖ୍ୟବକ୍ତା ଓ ସମାଜସେବୀ ସୁକାନ୍ତ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳରେ ଆଫ୍ରିକା ଇଲେଭେନ



ଭୁବନେଶ୍ୱର ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରେଫରୀ ଆଲୋକ କୁମାର ଦେଉରୀ ଥିବା ବେଳେ ଲାଇନ ମ୍ୟାନ ଶିବ ଦେଉରୀ ବୈକୁଣ୍ଠ ନାଥ ମହାପାତ୍ର ଓ ଶରତ ଚନ୍ଦ୍ର ଛୋଟରାୟ ସହଯୋଗ କରିଥିଲେ। ଆସନ୍ତା କାଲି ୱାଇଏଫସି ଚୌଦ୍ୱାର କଟକ ଓ ବରହମପୁର ଫୁଟବଲ ଏକାଡେମୀ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କହିଛନ୍ତି।

